● 'ସକାଳ' ପ୍ରଭାବ

## ଟ୍ରାନ୍ସଫର୍ମର ଚାରିପାଖରେ ହେଲା ପାଚେରି



**ଯଖପୁରା, ୨୭।୬(ସମିସ):** ପଙ୍କପାଳ ଗ୍ରାମରେ ଖୋଲା ଓ ବିପଦପୂର୍ଣ୍ଣ ଅବସ୍ଥାରେ ଥିବା ପାଞ୍ଚଟି ଟ୍ରାନ୍ସଫର୍ମର ଥିବାବେଳେ ସେଥିମଧ୍ୟରୁ ତିନୋଟିର ସୁରକ୍ଷା ପାଚେରି କରାଇଛି ଟାଟା ପାୱାର। ଗତ ମାର୍ଚ୍ଚ ୧୬ ତାରିଖରେ 'ବିଦ୍ୟୁତ୍ ବିଭାଗର ଖାମଖିଆଲି ମନୋଭାବ, ପଙ୍କପାଳ ଗାଁରେ ଖୋଲାପଡ଼ିଛି ଟ୍ରାନ୍ସଫର୍ମର' ଶୀର୍ଷକ ଖବର ଦୈନିକ 'ସକାଳ' ଖବରକାଗଜରେ ପ୍ରକାଶ ପାଇଥିଲା। ଖବର ପ୍ରକାଶ ପାଇବା ପରେ ବିଦ୍ୟୁତ୍ ବିଭାଗ ପକ୍ଷରୁ ତିନୋଟି ଟ୍ରାନ୍ସଫର୍ମର ଚାରିପାଖରେ ସୁରକ୍ଷା ପାଚେରି ନିର୍ମାଣ କରାଇଛି। ଏଥିସହିତ ଆଗାମୀ ଦିନରେ ବାକି ଆଉ ଦୁଇଟି ଟ୍ରାନ୍ସଫର୍ମରର ସୁରକ୍ଷା ପାଚେରି ନିର୍ମାଣ କାର୍ଯ୍ୟ ଖୁବଶୀଘ୍ର ହୋଇଯିବ ବୋଲି ଜଣାଇଛି। ଗ୍ରାମରେ ରହିଯାଇଥିବା ଅନ୍ୟ ଦୁଇଟି ଟ୍ରାନ୍ସଫର୍ମର ମଧ୍ୟ ଅତି ବିପଦପୂର୍ଣ୍ଣ ଅବସ୍ଥାରେ ଥିବାରୁ ଗ୍ରାମବାସୀ ଏହାର ପାଚେରି ନିର୍ମାଣ କାର୍ଯ୍ୟ ଶୀଘ୍ର କରିବାକୁ ଟାଟା ପାୱାରକୁ ଜଣାଇଛନ୍ତି। ସେମାନେ ଆହୁରି ମଧ୍ୟ ଜଣାଇଛନ୍ତି ଯେ ଗ୍ରାମରେ ଥିବା କିଛି ବିଦ୍ୟୁତ୍ ଖୁଣ୍ଟ ବିପପୂର୍ଣ୍ଣ ଅବସ୍ଥାରେ ରହିଛି। ବହୁ ଜାଗାରେ ବିଦ୍ୟୁତ୍ ତାର ସଂସ୍ପର୍ଶରେ ବହୁ ଗଛ ଲାଗି ରହିଥିବାରୁ ଗଛ ଡ଼ାଳ କାଟି ଦେବାକୁ ଦାବି କରିଛନ୍ତି। ଗ୍ରାମବାସୀ କହିଛନ୍ତି, ବହୁବାର ଅଭିଯୋଗ କରିବା ପରେ ମଧ୍ୟ ଟ୍ରାନ୍ସଫର୍ମର ପାଚେରି କରାଯାଉ ନ ଥିଲା। 'ସକାଳ' ପ୍ରଭାବରେ ଏହା ସମ୍ଭବ ହୋଇପାରିଛି। ଯେପରି ଟାଟା ପାୱାର ପ୍ରତିମାସରେ ଉପଭୋକ୍ତାଙ୍କଠାରୁ ଠିକ୍ ସମୟରେ ବିଦ୍ୟୁତ୍ ବିଲ ନେଉଛି, ଠିକ୍ ସେହିପରି ଉପଭୋକ୍ତାଙ୍କୁ ସେବା ଯୋଗାଇଦେବା ଟାଟା ପାୱାରର କର୍ତ୍ତବ୍ୟ। ଯଦି ରହିଯାଇଥିବା ଦୁଇଟି ଟ୍ରାନ୍ସଫର୍ମରର ପାଚେରି କାର୍ଯ୍ୟ ସମ୍ପୂର୍ଣ୍ଣ ନ ହୁଏ, ତେବେ ସେହି ଟ୍ରାନ୍ସଫର୍ମରରେ ଥିବା ସମସ୍ତ ଉପଭୋକ୍ତା ଚଳିତ ମାସରୁ ବିଲ୍ ପୈଠ କରିବେ ନାହି ବୋଲି କହିଛନ୍ତି। ଏବେ ଦେଖିବାକୁ ରହିଲା ଟାଟା ପାୱାର କେତେ ଶୀଘ୍ର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରୁଛି ଓ କେତେ ଶୀଘ୍ର ଉପଭୋକ୍ତାଙ୍କୁ ଉପଯୁକ୍ତ ସେବା ଯୋଗାଇ ଦେଉଛି।

## ବାଇକ୍‌ରୁ ପଡ଼ି ୨ ଆହତ

**ପାଣିକୋଇଲି, ୨୭।୬(ସମିସ):** ପାଣିକୋଇଲି ଥାନା ଅନ୍ତର୍ଗତ ୨୦ ନମ୍ବର ଜାତୀୟ ରାଜପଥର ଦୁର୍ଗା ମାର୍କେଟ ନିକଟରେ ବାଇକ୍‌ରୁ ପଡ଼ି ଦୁଇଜଣ ଆହତ ହୋଇଛନ୍ତି। ବୁଧବାର ବିଳମ୍ବିତ ରାତିରେ ଯାଜପୁର ଟାଉନର ବିଷ୍ଣୁ ମହାନ୍ତି ଓ ସତ୍ୟ ଦଳାଇ ବାଇକ୍‌ରେ ଯାଜପୁରରୋଡ୍‌ରୁ ଘରକୁ ଫେରୁଥିବାବେଳେ ବିଲେଇ ପଶିଯିବାରୁ ଉଭୟ ବାଇକରୁ ରାସ୍ତା ଉପରେ ପଡ଼ି ଆହତ ହୋଇଥିଲେ। ପାଣିକୋଲିର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ଆମେ ଆପଣଙ୍କ ପାଇଁ ହେଲପିଂ ଗ୍ରୁପର ସଦସ୍ୟ ଓ ପାଣିକୋଇଲି ପୁଲିସ ଘଟଣାସ୍ଥଳରେ ପହଞ୍ଚି ଉଭୟଙ୍କୁ ଥାନା ପିସିଆର ଭ୍ୟାନରେ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ।

## ଦୁର୍ଘଟଣାରେ ବାଇକ୍ ଆରୋହୀ ମୃତ

● କ୍ଷତିପୂରଣ ଦାବିରେ ରାଜପଥ ଅବରୋଧ

**ସୁକିନ୍ଦା, ୨୭।୬(ସମିସ):** ୫୩ନଂ ଜାତୀୟ ରାଜପଥର ସୁକିନ୍ଦା-ଡୁବୁରୀ ରାସ୍ତାରେ ଏକ ଅଜଣା ଗାଡ଼ି ଧକ୍କାରେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଥିବାବେଳେ ମୃତକଙ୍କ ପରିବାରକୁ କ୍ଷତିପୂରଣ ଦେବା ଦାବିରେ ଉତ୍ତେଜିତ ଲୋକେ ମୃତଦେହ ରଖି ତିନିଘଣ୍ଟା ରାଜପଥ ଅବରୋଧ କରିଥିବା ଜଣାପଡ଼ିଛି। ସୁକିନ୍ଦା ଥାନା ଅନ୍ତର୍ଗତ ଜାମୁପଶି ଗ୍ରାମର ପ୍ରତାପ ମଲିକ(୫୦) ଗୁରୁବାର ଦିନ କଳିଙ୍ଗନଗର ଶିଳ୍ପାଞ୍ଚଳକୁ ଯାଉଥିବା ସମୟରେ ଏକ ଦ୍ରୁତଗାମୀ କାର୍ ତାଙ୍କୁ ପଛପଟୁ ଧକ୍କା ଦେଇ ପାର ହୋଇଯାଇଥିବା ଶୁଣିବାକୁ ମିଳିଛି। ଏହି ଦୁର୍ଘଟଣାରେ ପ୍ରତାପଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ମୃତକଙ୍କ ପରିବାରକୁ କ୍ଷତିପୂରଣ ଦେବା ଦାବିରେ ଉତ୍ତେଜିତ ଲୋକେ ମୃତଦେହ ରାସ୍ତା ଉପରେ ରଖି ରାସ୍ତା ଅବରୋଧ କରିଥିଲେ। ରାସ୍ତାର ଉଭୟ ପାର୍ଶ୍ୱରେ ଶହଶହ ଗାଡ଼ି ଲମ୍ବା ଧାଡ଼ିରେ ଠିଆ ହୋଇ ରହିଥିଲେ। ସୂଚନା ପାଇ କଳିଙ୍ଗନଗର ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଏସ. ଟପେ, ସୁକିନ୍ଦା ଅତିରିକ୍ତ ତହସିଲଦାର ପ୍ରିୟରଞ୍ଜନ ଜେନା, ଥାନା ଅଧିକାରୀ ବାମଦେବ ନନ୍ଦ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିବା ପରେ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିବା ଜଣାପଡ଼ିଛି। ଦୁର୍ଘଟଣା ଘଟାଇ ପାର ହୋଇଯାଇଥିବା ଗାଡ଼ିକୁ ଜବତ କରିବା ପାଇଁ ପୁଲିସ ପ୍ରୟାସ ଜାରି ରଖିଛି।

ଦଳର ସଂଗଠନ ସଜାଡ଼ିବାକୁ କର୍ମୀଙ୍କୁ ଗୁରୁମନ୍ତ୍ର ଦେଲେ ପ୍ରଣବ ପ୍ରକାଶ

# 'ବିଜେପି ବିରୋଧରେ ଲଢ଼େଇ କର, ବିଜୟ ସୁନିଶ୍ଚିତ'

ଯାଜପୁର, ୨୭।୬(ସମିସ)



ରାଜ୍ୟବାସୀ ବିଜୁ ଜନତା ଦଳ ଓ ଦଳର ସୁପ୍ରିମୋ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଅନେକ ଭଲ ପାଇବା ଦେଇଛନ୍ତି। ପ୍ରତିଦାନରେ ବିଜେଡି ସରକାର ବହୁତ କିଛି ମଧ୍ୟ ସାଧାରଣ ଲୋକଙ୍କ ପାଇଁ କରିଛନ୍ତି। ଗତ ନିର୍ବାଚନରେ ଭୋଟର ବିଜେପିକୁ ସରକାର ଗଠନ କରିବାକୁ ସୁଯୋଗ ଦେଇଛନ୍ତି। ଗଣତାନ୍ତ୍ରିକ ରାଷ୍ଟ୍ରରେ





ଜନମତକୁ ସମ୍ମାନ ଦେଇ ଆମକୁ କାମ କରିବାକୁ ହେବ। ଯେଉଁଭଳି ଭାବେ ଦିନରାତି ଏକ କରି ପ୍ରତ୍ୟେକ କାର୍ଯ୍ୟକର୍ତ୍ତା ସାଧାରଣ ଲୋକଙ୍କ ପାଇଁ କାମ କରୁଥିଲେ, ସେଭଳି ସମସ୍ତେ କାମ କରନ୍ତୁ। ଶାସକ ଦଳର ଦୋଷ ତ୍ରୁଟିକୁ ଲୋକଲୋଚନକୁ ଆଣି ସାଧାରଣ ଲୋକଙ୍କୁ ନ୍ୟାୟ ଦିଗରେ କାମ କରନ୍ତୁ। ବିଜୟ ଓ ପରାଜୟ ହେବା ରାଜନୀତିରେ କିଛି ବଡ଼ କଥା ନୁହେଁ। ଲୋକଙ୍କ ସାଙ୍ଗରେ ରହି ଲୋକଙ୍କ ପାଇଁ କାମ କରିବା ସବୁଠାରୁ ବଡ଼ କଥା। ଆଜିର ଦିନରେ ସାଧାରଣ ଲୋକଙ୍କ ହୃଦୟରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅଛନ୍ତି। ତେଣୁ ବିଜୁ ଜନତା ଦଳ ସରକାର ହଟିବା ପରେ ନିଜ ମନୋବଳକୁ ଦୃଢ଼ କରି କାମ କରନ୍ତୁ। ସମସ୍ତେ ଏକ ହୋଇ ଭାରତୀୟ ଜନତା ପାର୍ଟି ବିରୋଧରେ ଲଢ଼େଇ କଲେ ଆଗାମୀ ଦିନରେ ବିଜୟ ସୁନିଶ୍ଚିତ ହେବ ବୋଲି ଆଜି ବିଜେଡିର ସାଂଗଠନିକ ବୈଠକରେ ବିଜୁ ଜନତା ଦଳର ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

ଗୁରୁବାର ପୂର୍ବାହ୍ନରେ ସ୍ଥାନୀୟ ସଂସ୍କୃତି ଭବନରେ ଆୟୋଜିତ ଦଳୀୟ କାର୍ଯ୍ୟକ୍ରମରେ ଯୋଗ ଦେଇ ପ୍ରଣବ ପ୍ରକାଶ କର୍ମକର୍ତ୍ତାଙ୍କ ମନୋବଳ ବୃଦ୍ଧି କରିଛନ୍ତି। ସେହିପରି ଯାଜପୁରର ପୂର୍ବତନ ବିଧାୟକ ପ୍ରଣବ ପ୍ରକାଶ ଦାସଙ୍କ ସମୟରେ ହୋଇଥିବା ବିକାଶମୂଳକ କାର୍ଯ୍ୟକୁ ସାଧାରଣ ଲୋକେ ସବୁଦିନ ମନେ ରଖିବେ। ଯେଉଁସବୁ କାମ ଅଧୁରା ରହିଛି, ତାକୁ ଶେଷ କରିବାକୁ ମୁଁ ଚେଷ୍ଟା କରିବି ବୋଲି ଯାଜପୁର ବିଧାୟିକା ସୁଜାତା ସାହୁ କହିଥିଲେ। ପ୍ରଣବଙ୍କ ମାର୍ଗଦର୍ଶନରେ ବିଜୁ ଜନତା ଦଳ ଅଧିକ ସଂଗଠିତ ହେବ ଓ ଆଗକୁ ନିଶ୍ଚୟ ଯିବ ବୋଲି ସେ ଆଶାବ୍ୟକ୍ତ କରିଥିଲେ।

ସେହିପରି ବରୀ ବିଧାୟକ ବିଶ୍ୱରଞ୍ଜନ ମଲ୍ଲିକ କହିଛନ୍ତି, ମୋର ରାଜନୀତି କ୍ୟାରିୟର ବିରୋଧ ଦଳରୁ ଆରମ୍ଭ ହୋଇଛି। ତେଣୁ ମୁଁ ବର୍ତ୍ତମାନ ବିରୋଧରେ ରହିଲେ ମୋର କୌଣସି ଅସୁବିଧା ହେବ ନାହିଁ। ଆଗାମୀ ଦିନରେ ବିଜେପିର କାର୍ଯ୍ୟକଳାପ ଉପରେ ନଜର ଦେବାକୁ ସେ ଆହ୍ୱାନ ଦେଇଥିଲେ। ବିଜୁ ଜନତା ଦଳର ଜିଲ୍ଲା ସଭାପତି ସରୋଜ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଜିଲ୍ଲା ପରିଷଦ ସଭାପତି ନଳିନୀପ୍ରଭା ଜେନା, ଯାଜପୁର ବ୍ଲକ ଅଧ୍ୟକ୍ଷା ସ୍ୱର୍ଣ୍ଣଲତା ପରିଡ଼ା, କୋରେଇ ବ୍ଲକ ଅଧ୍ୟକ୍ଷା, ଦଶରଥପୁର ବ୍ଲକ ଅଧ୍ୟକ୍ଷ ଦିଗମ୍ବର ମଲ୍ଲିକ ପ୍ରମୁଖ ଯୋଗ ଦେଇ ବିଜୁ ଜନତା ଦଳ ପାଇଁ ଏକ ମନ ଓ ଏକ ପ୍ରାଣ ହୋଇ କାମ କରିବାକୁ ଘୋଷଣା କରିଥିଲେ। ଏ ଅବସରରେ ଜିଲ୍ଲା ପରିଷଦ ସଦସ୍ୟ, ବ୍ଲକ ସଭାପତି, ଯୁବ ସଂଗଠନଙ୍କ ମନୋବଳ ବୃଦ୍ଧି କରାଯାଇଥିଲା। ଏହି ବୈଠକରେ ଯାଜପୁର, କୋରେଇ ନିର୍ବାଚନମଣ୍ଡଳୀର ବିଜୁ ଜନତା ଦଳ ସମର୍ଥିତ ସରପଞ୍ଚ, ସମିତିସଭ୍ୟୋ, ସମବାୟ ସମିତିର ସଭାପତି ଉପସ୍ଥିତ ଥିଲେ।

## ମାନସିକ ବିକୃତ ନାବାଳିକାକୁ ଦୁଷ୍କର୍ମ; ଅଭିଯୁକ୍ତ ଗିରଫ



ପ୍ରୀତିପୁର/ବିଂଝାରପୁର, ୨୭।୬ (ସମିସ)

ଅଳକୁଣ୍ଡ ଥାନା ଅଞ୍ଚଳରେ ଜଣେ ମାନସିକ ବିକାରଗ୍ରସ୍ତ ୧୪ ବର୍ଷିୟା ନାବାଳିକାକୁ ଦୁଷ୍କର୍ମ କରାଯାଇଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା। ନାବାଳିକା ପରିବାର ପକ୍ଷରୁ ଥାନାରେ ହୋଇଥିବା ଅଭିଯୋଗକୁ ଭିତ୍ତି କରି ଅଳକୁଣ୍ଡ ପୁଲିସ ଅଭିଯୁକ୍ତ ଗୟାଧରକୁ ଗିରଫ କରି କୋର୍ଟ ଚାଲାଣ କରିଛି। ପୀଡିତା ଓ ତାଙ୍କର ମା' ଉଭୟ ମାନସିକ ବିକାରଗ୍ରସ୍ତ। ପୀଡିତା ମାମୁଁ ଘରେ ରହୁଥିବାବେଳେ ୨୫ ତାରିଖ ଦିନ ବର୍ଷା ହେଉଥିବା ସମୟରେ ପଡୋଶୀ ଘରକୁ ଡାକି ଦୁଷ୍କର୍ମ କରିଥିଲା। ପୁଲିସ ଏହି ଘଟଣାରେ ୯୨/୨୪ରେ ମାମଲା ରୁଜ କରି ତଦନ୍ତ ଜାରି ରଖିଥିବାବେଳେ ଅଭିଯୁକ୍ତକୁ ଗିରଫ କରିବାକୁ ବିଭିନ୍ନ ସ୍ଥାନରେ ଚଢ଼ଉ କରିଥିଲା। ଗୟାଧର ବସ୍‌ରେ ଆସୁଥିବା ଖବର ପାଇ ଅଳକୁଣ୍ଡ ପୁଲିସ ତାକୁ ପ୍ରୀତିପୁର ଛକରୁ ଗିରଫ କରିଥିଲେ। ଏହି ଘଟଣାରେ ପୀଡ଼ିତାର ଡାକ୍ତରୀ ପରୀକ୍ଷା କରାଯାଇ ବୟାନ ରେକର୍ଡ କରାଯାଇଛି। ଅଭିଯୁକ୍ତର ଡାକ୍ତରୀ ପରୀକ୍ଷା ପରେ ଆଜି ତାକୁ କୋର୍ଟ ଚାଲାଣ କରାଯାଇଥିବା ଅଳକୁଣ୍ଡ ଥାନା ଭାରପ୍ରାପ୍ତ ଅଧିକାରୀ ପ୍ରଶାନ୍ତ ଦାସ ସୂଚନା ଦେଇଛନ୍ତି।

## କୋରେଇ ବିଧାୟକଙ୍କୁ ସମ୍ବର୍ଦ୍ଧନା



କୁଆଖିଆ, ୨୭।୬(ସମିସ): ରସୁଲପୁର ବ୍ଲକ କର୍ମଚାରୀ କୋରେଇ ବିଧାୟକ ଆକାଶ ଦାସନାୟକଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରିଛନ୍ତି। ବ୍ଲକ ଅନ୍ତର୍ଗତ ୧୬ନଂ ଜାତୀୟ ରାଜପଥ ପାର୍ଶ୍ୱସ୍ଥ ପୂର୍ତ୍ତ ବିଭାଗ ଡାକବଙ୍ଗଳା ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ବ୍ଲକ କର୍ମଚାରୀ ଯୋଗଦେଇ ବିଧାୟକଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏବିଡିଓ ଦିବ୍ୟକାନ୍ତି ମିଶ୍ରଙ୍କ ନେତୃତ୍ୱରେ ସହକାରୀ ନିର୍ବାହୀ ଯନ୍ତ୍ରୀ ସୋନାଲି ଧଳ, ସହକାରୀ ଯନ୍ତ୍ରୀ ଅନୀଲ ବିଶ୍ୱାଳ, କନିଷ୍ଠ ଯନ୍ତ୍ରୀ ଅନୀତା ବେହୁରା, ସୋନାଲି ଦାସ, ପୁଷ୍ପଲତା ସାହୁ, ସୁଚିସ୍ମିତା ବିଶ୍ୱାଳ, ବନ୍ଦନା ତନ୍ତି, ପରମେଶ୍ୱର ସାହୁ, ସୁନାକର ମାରାଣ୍ଡି, ଚୁନୁମୁନୁ ନାୟକ, ବରିଷ୍ଠ କିରାଣି ହରିଶ ହାଁସଦା, ନିର୍ବାହୀ ଅଧିକାରୀ ନିକୁଞ୍ଜ ରାଉତ, ସତ୍ୟଜିତ ରାଉତ, ଶତ୍ରୁଘ୍ନ ଜେନା, ରମେଶ ରଣାଙ୍କ ସମେତ ବ୍ଲକର ଅଧିକାଂଶ କର୍ମଚାରୀ ଉପସ୍ଥିତ ଥିଲେ। ବିଧାୟକ ଶ୍ରୀ ଦାସନାୟକ ଯନ୍ତ୍ରୀ ଓ ବ୍ଲକ ଉନ୍ନୟନ କର୍ମଚାରୀଙ୍କ ସହ ଆଲୋଚନା କରିବା ସହ ଖୁବ୍‌ଶୀଘ୍ର ବିଡିଓଙ୍କ ସମେତ ଅନ୍ୟ କର୍ମଚାରୀଙ୍କୁ ନେଇ ବ୍ଲକରୁ କୋରେଇ ଅଂଶରେ ସାମିଲ ହୋଇଥିବା ପଞ୍ଚାୟତର ବିଭିନ୍ନ କାର୍ଯ୍ୟକୁ ସମୀକ୍ଷା କରିବେ ବୋଲି ମତ ରଖିଥିଲେ।

## ଅର୍ଥ ଆତ୍ମସାତ୍ ଅଭିଯୋଗରେ ମହିଳା ଗିରଫ

**ପାଣିକୋଇଲି, ୨୭।୬(ସମିସ):** ପାଣିକୋଇଲି ପୁଲିସ ଅର୍ଥ ଆତ୍ମସାତ କରିଥିବା ଅଭିଯୋଗରେ ଜଣେ ମହିଳାଙ୍କୁ କୋର୍ଟ ଚାଲାଣ କରିଛି। ପାଣିକୋଇଲି ଥାନା ଅନ୍ତର୍ଗତ କରଦା ପଞ୍ଚାୟତର ରାଣୀଗୋଡ଼ା ଗ୍ରାମର କୁଳମଣି ଦାସଙ୍କ ପତ୍ନୀ ସଂଯୁକ୍ତା (୫୦) ବିଭିନ୍ନ ଉପାୟରେ ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳାଙ୍କୁ ପ୍ରଲୋଭିତ କରି ସେମାନଙ୍କଠାରୁ ଟଙ୍କାକୁ ଦ୍ୱିଗୁଣିତ କରିଦେବ କହି ୪ ଲକ୍ଷ ଟଙ୍କା ଆଦାୟ କରିଥିଲେ। ଗ୍ରାମର ସଞ୍ଜୁ ନାମ୍ନୀ ମହିଳାଙ୍କଠାରୁ ୧ଲକ୍ଷ ଟଙ୍କା, ଗେଲିଙ୍କଠାରୁ ୪୦ ହଜାର, ସସ୍ମିତାଙ୍କଠାରୁ ୩୨, ୫୦୦ ଟଙ୍କା, ମୀନତିଙ୍କଠାରୁ ୧ଲକ୍ଷ ୨୦ ହଜାର ଟଙ୍କା, ମନୋରମାଙ୍କଠାରୁ ୯୦ ହଜାର ଟଙ୍କା, ଗୋଲାପଙ୍କଠାରୁ ୮୦ ହଜାର ଟଙ୍କା, କୁସୁମଙ୍କଠାରୁ ୪୦ ହଜାର ଟଙ୍କା, ମାନସୀଙ୍କଠାରୁ ୬୦ ହଜାର ଟଙ୍କା, ଜାନକୀଙ୍କଠାରୁ ୨୩, ୫୦୦ ଟଙ୍କା, ଗେଡ଼ିଙ୍କଠାରୁ ୧୫ ହଜାର ଟଙ୍କା ଓ କୁନିଙ୍କଠାରୁ ୧୦ ହଜାର ଟଙ୍କା ଠକି ନେଇଯାଇଥିଲେ। ଏଥିସହିତ ଅନ୍ୟ ଗୋଟିଏ ସ୍ୱୟଂ ସହାୟିକା ଗୋଷ୍ଠୀର ଦୁଇଜଣ ମହିଳାଙ୍କଠାରୁ ୫ ଲକ୍ଷ ଟଙ୍କା ଦ୍ୱିଗୁଣିତ କରି ଦେବ କହି ଠକି ନେଇଥିଲା। ସଂଯୁକ୍ତା ୭ ବର୍ଷ ହେଲା ମହିଳାଙ୍କଠାରୁ ଟଙ୍କା ନେଇଥିଲେ ମଧ୍ୟ ଫେରାଇବା ନାଁ ନେଉ ନ ଥିଲା ଓ ସମସ୍ତ ଟଙ୍କାକୁ ସେ ନିଜେ ଆତ୍ମସାତ କରିଥିଲା। ମହିଳାମାନେ ସଂଯୁକ୍ତାଙ୍କୁ ଟଙ୍କା ଫେରାଇବାକୁ ମାଗିବାକୁ ଯିବା ବେଳକୁ ସଂଯୁକ୍ତା ଓ ତାଙ୍କର ଦୁଇପୁଅ ଉକ୍ତ ମହିଳାଙ୍କୁ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିବା ସହିତ ଜୀବନରୁ ମାରି ଦେବା ଲାଗି ଧମକ ଦେଉଥିଲେ। ଫଳରେ ଅନ୍ୟ ଉପାୟ ନ ପାଇ ଗୋଷ୍ଠୀର ଲକ୍ଷ୍ମୀ ମଲିକଙ୍କ ଅଭିଯୋଗ କ୍ରମେ ପୁଲିସ ଏକ ମାମଲା ରୁଜୁ କରି ସଂଯୁକ୍ତାଙ୍କୁ ଗିରଫ କରି ଅଦାଲତ ଚାଲାଣ କରିଛି।



## ଟବାକୋ ମୁକ୍ତ ସଚେତନତା ଓ ବିଶ୍ୱ ରକ୍ତଶିକୁଳି ଦିବସ ପାଳନ

**କୋରେଇ, ୨୭।୬(ସମିସ):** ଯାଜପୁର ଜିଲ୍ଲା କୋରେଇ ବ୍ଲକ ଅନ୍ତର୍ଗତ କାହ୍ନୁଚରଣ ଡ଼ିଗ୍ରୀ ମହାବିଦ୍ୟାଳୟରେ ଟବାକୋ ମୁକ୍ତ ସଚେତନତା କାର୍ଯ୍ୟକ୍ରମ ଓ ବିଶ୍ୱ ରକ୍ତଶିକୁଳି ଦିବସ ଅଧ୍ୟକ୍ଷ ଡଃ ମୋହନ ଚରଣ ଖୁଣ୍ଟିଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ କୋରେଇ ମେଡିକାଲର ଡାକ୍ତର ଚିତ୍ରଲେଖା ମହ୍ଲ ଓ ସମ୍ମାନିତ ଅତିଥି ଭାବେ ପିଏଚଓ ପ୍ରସନ୍ନ କୁମାର ଜେନା ଯୋଗଦେଇ ଟବାକୋ ଶରୀର ପାଇଁ କ୍ଷତିକାରକ। ଏଥିରୁ ନିଜକୁ ଦୂରେଇ ରଖିବା ସହ ଅନ୍ୟମାନଙ୍କୁ ସଚେତନତା କରାଇବକୁ ପରାମର୍ଶ ଦେଇଥିଲେ। ତତ୍‌ସହିତ ରକ୍ତଶିକୁଳି ଏକ ମାରାତ୍ମକ ବଂଶଗତ ରୋଗ। ରକ୍ତ ତିଆରି କରୁଥିବା ଜିନର ଦୋଷ ତ୍ରୁଟି ଯୋଗୁଁ ରକ୍ତ କଣିକାର ଆକୃତି ଦାଆ ଆକୃତି ଧାରଣ କରିବା ଯୋଗୁଁ ରୋଗୀ ଶରୀରରେ ଅନେକ ଜଟିଳତା ପ୍ରକାଶ ପାଇବା ସହ ଅକାଳରେ କେତେକାଂଶରେ ମୃତ୍ୟୁମୁଖରେ ପଡ଼ନ୍ତି। ଜୀବନରେ ପରିବର୍ତ୍ତନ ଆଣିବା, ରକ୍ତ ଶିକୁଳିକୁ ହରାଇବା ଆମେ ମିଳିମିଶି ଆରୋଗ୍ୟ ସୁନିଶ୍ଚିତ କରିବା ସମ୍ବନ୍ଧରେ ଅଧ୍ୟକ୍ଷ ଡଃ ଖୁଣ୍ଟିଆଙ୍କ ସମେତ ଅଧ୍ୟାପକ ଓ ଅତିଥିମାନେ କହିଥିଲେ। ଏଥିସହିତ ଆୟୋଜିତ ତର୍କ ପ୍ରତିଯୋଗିତାରେ ସୌରଭ ମହାନ୍ତି ପ୍ରଥମ ସ୍ଥାନ ଅଧିକାର କରିଥିବାବେଳେ ନିରୂପମା ସାହୁ ଦ୍ୱିତୀୟ ଓ ଦିବ୍ୟାଙ୍ଗିନୀ ମହାନ୍ତି ତୃତୀୟ ସ୍ଥାନ ଅଧିକାର କରିଥିଲେ। ଏହି କାର୍ଯ୍ୟକ୍ରମରେ ଅଧ୍ୟାପକ ବିବେକାନନ୍ଦ ଦାସ, ଶିଶିର କୁମାର ନାୟକଙ୍କ ସମେତ ଅନେକ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ଅଧ୍ୟାପକ ନବଘନ ରଣା ଧନ୍ୟବାଦ ଅର୍ପଣ କରିଥିଲେ।

ସୁକିନ୍ଦା ବ୍ଲକରେ ମନ୍ତ୍ରୀ ବଳସାମନ୍ତଙ୍କ ସମୀକ୍ଷା

# ଭାଇଚାରା ଓ ବିକାଶକୁ ପ୍ରାଥମିକତା

ସୁକିନ୍ଦା, ୨୭।୬(ସମିସ)

ସୁକିନ୍ଦା ବ୍ଲକର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ଆଜି ରାଜ୍ୟ ସରକାରଙ୍କ ସମବାୟ, ହସ୍ତତନ୍ତ ଓ ବୟନଶିଳ୍ପ ମନ୍ତ୍ରୀ ଡଃ ପ୍ରଦୀପ ବଳସାମନ୍ତ ସମୀକ୍ଷା କରିଛନ୍ତି। ସାଧାରଣ ନିର୍ବାଚନ ପରେ ମନ୍ତ୍ରୀଙ୍କ ଏହା ପ୍ରଥମ ସମୀକ୍ଷା ବୈଠକ। ନିର୍ବାଚନ ଏକ ହୋଲି ଖେଳ ଓ ସନ୍ଧ୍ୟା ସୁଦ୍ଧା ଦେହରୁ ରଙ୍ଗ ଛଡାଇ ନିଜ କର୍ମକ୍ଷେତ୍ରକୁ ଫେରିଯିବାକୁ ମନ୍ତ୍ରୀ ସୁକିନ୍ଦା ଜନସାଧାରଣଙ୍କୁ ପରାମର୍ଶ ଦେଇଥିଲେ। ଏହା ଦ୍ୱାରା ସୁକିନ୍ଦାରେ ଭାଇଚାରା ସୃଷ୍ଟି ହେବ। ସୁକିନ୍ଦାର ବିକାଶରେ ସମସ୍ତଙ୍କର ସହଭାଗିତା ରହିବ ଓ ସୁକିନ୍ଦାର ବିକାଶ ହିଁ ମୋର ପ୍ରାଥମିକତା ବୋଲି ମନ୍ତ୍ରୀ ନିଜ ବକ୍ତବ୍ୟରେ ପ୍ରକାଶ କରିଥିଲେ।



ସୁକିନ୍ଦା କଲେଜ ସଭାଗୃହରେ ହେବାକୁ ଥିବା ସମୀକ୍ଷା ବୈଠକକୁ ଶେଷ ମୁହୂର୍ତ୍ତରେ ପରିବର୍ତ୍ତନ କରାଯାଇ ବ୍ଲକ ପରିସରରେ ଥିବା ଅଭିଯୋଗ ଶୁଣାଣି କକ୍ଷରେ ଏହି ସମୀକ୍ଷା କାର୍ଯ୍ୟକ୍ରମ କରାଯାଇଥିଲା। ୨୫ଟି ପଞ୍ଚାୟତର ସରପଞ୍ଚ ଓ ସମିତି ସଭ୍ୟକୁ ମିଶାଇ ୫୦ରୁ ଅଧିକ ଜନପ୍ରତିନିଧିଙ୍କ ସମସ୍ତ ବିଭାଗର ଶତାଧିକ କର୍ମଚାରୀ, ସାମ୍ବାଦିକ ଓ ବୁଦ୍ଧିଜୀବୀଙ୍କୁ ମାତ୍ର ୬୦ଟି ଚେୟାର ପ୍ରଦାନ କରାଯାଇଥିବା ଦେଖିବାକୁ ମିଳିଥିଲା। ଫଳରେ ଏକ ସୁସ୍ଥ ବାତାବରଣରେ ସୁକିନ୍ଦା ବ୍ଲକର ପ୍ରଥମ ସମୀକ୍ଷା ସଠିକ ଢଙ୍ଗରେ ହୋଇପାରି ନ ଥିଲା। ମନ୍ତ୍ରୀ ପ୍ରଥମେ ସମସ୍ତ ବିଭାଗୀୟ ଅଧିକାରୀ ଓ କର୍ମଚାରୀଙ୍କ ସହିତ ପରିଚିତ ହୋଇଥିଲେ। ପ୍ରଥମେ ଅତା ସରପଞ୍ଚ ଇତିଶ୍ରୀ ପଟ୍ଟନାୟକ ପାନୀୟ ଜଳଯୋଗାଣ ବିଭାଗ ଦ୍ୱାରା ମେଘା କମ୍ପାନୀ ଦ୍ୱାରା ଅତି ନିମ୍ନମାନର କାର୍ଯ୍ୟ କରାଯାଇଥିବା ଅଭିଯୋଗ କରିଥିଲେ। ପରେ ପିମ୍ପୁଡିଆ ସରପଞ୍ଚ ତପନ ନାୟକ ତାଙ୍କ ପଞ୍ଚାୟତରେ ଗଛମୂଳେ ଅଙ୍ଗନାବାଡି କେନ୍ଦ୍ର ଚାଲୁଥିବା ଅଭିଯୋଗ କରିଥିଲେ। କୁହିକା ସରପଞ୍ଚ ଅଶ୍ୱିନୀ ପରିଡ଼ା ମହିଳା ଓ ଶିଶୁ ବିକାଶ ଦ୍ୱାରା ଦିଆଯାଉଥିବା ଛତୁଆ ଅତି ନିମ୍ନମାନର ଓ ଟାଟା ପାୱାର ଦ୍ୱାରା ଅଘୋଷିତ ବିଦ୍ୟୁତ କାଟକୁ ନେଇ ଅଭିଯୋଗ କରିଥିଲେ। ଆମ୍ପୋଳବା ସମିତି ସଭ୍ୟ ବିଶ୍ୱଜିତ ରାଜ ବିଦ୍ୟୁତ ବିଭାଗ ଦ୍ୱାରା ଅନେକ ଦୁର୍ନୀତି ହୋଇଛି। ଯେଉଁଥିରେ ବ୍ଲକ ଚେୟାରମ୍ୟାନ ସମ୍ପୃକ୍ତ ରହିଥିବା ସେ ଅଭିଯୋଗ କରିଥିଲେ। ଏସବୁ ଅଭିଯୋଗ ଉପରେ ବିଭାଗୀୟ ଅଧିକାରୀ ନିଜର ଉତ୍ତର ରଖିଥିଲେ। ଯେଉଁଥିରେ ଅଭିଯୋଗକାରୀ ସନ୍ତୁଷ୍ଟ ହୋଇ ନ ଥିବା ଦେଖିବାକୁ ମିଳିଥିଲା। କୃଷକ କଲ୍ୟାଣ, ଖାଦ୍ୟ ସୁରକ୍ଷା ସାମାଜିକ ନିରାପତ୍ତା, ଜୀବିକା ମିଶନ, ଜଙ୍ଗଲ ବିଭାଗ, ଶିକ୍ଷା, ରେଙ୍ଗାଲି ପ୍ରକଳ୍ପ, ପୁଲିସ ଭଳି ବହୁ ବିଭାଗ ସମ୍ପର୍କରେ ସମୀକ୍ଷା ହୋଇପାରି ନ ଥିଲା।

ଉକ୍ତ ସମୀକ୍ଷା ବୈଠକ ପୂର୍ବରୁ ମନ୍ତ୍ରୀ ଶ୍ରୀ ବଳସାମନ୍ତ ବ୍ଲକ ପରିସରରେ ଏକ ଅଳାଁ ବୃକ୍ଷ ରୋପଣ କରିବା ସହିତ ଜଣେ ବୟୋଜ୍ୟେଷ୍ଠ ବ୍ୟକ୍ତିଙ୍କୁ ହୁଇଲଚେୟାର ପ୍ରଦାନ କରିଥିଲେ। ସେହିପରି ଅନ୍ୟଜଣେ କର୍ଣ୍ଣବାଧିତ ବ୍ୟକ୍ତିଙ୍କୁ ଶ୍ରବଣ ଯନ୍ତ୍ର ପ୍ରଦାନ କରିଥିଲେ। ବିଡିଓ ଅଭିଷେକ ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମୀକ୍ଷା ବୈଠକରେ ସୁକିନ୍ଦା ବ୍ଲକ ଅଧ୍ୟକ୍ଷ ଦିବ୍ୟରଞ୍ଜନ ବରାଳ, ଉପାଧ୍ୟକ୍ଷା ଭାଗ୍ୟଲକ୍ଷ୍ମୀ ରାଉତ, ତହସିଲଦାର ଦମୟନ୍ତୀ ସାହୁ, ସରପଞ୍ଚ ଶର୍ମିଷ୍ଠା ବରାଳ, ସିପ୍ରାରାଣୀ ବରାଳ ପ୍ରମୁଖ ଉପସ୍ଥିତି ଥିଲେ। ବ୍ଲକ ପ୍ରଶାସନ ପକ୍ଷରୁ ମନ୍ତ୍ରୀଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା।

## ଜେନାପୁର ପୁଲିସ ବିରୋଧରେ ଏସ୍‌ପିଙ୍କୁ ଫେରାଦ

**ପାଣିକୋଇଲି, ୨୭।୬(ସମିସ):** ଯାଜପୁର ଜିଲ୍ଲା ଜେନାପୁର ଥାନା ରେଖିଦେଇପୁର ପଞ୍ଚାୟତ ଅନ୍ତର୍ଗତ ପାଇକରାପୁର ଗ୍ରାମରେ ମହିଳାଙ୍କୁ ମାଡ଼ ଘଟଣାରେ ଜେନାପୁର ପୁଲିସର କୋହଳ ମନୋଭାବ ଓ କୋହଳ ଦଫା ଲଗାଇ ପରୋକ୍ଷରେ ସାହାଯ୍ୟ କରିବା ପ୍ରତିବାଦରେ ମୂଳ ନିବାସୀ ୟୁନାଇଟେଡ ଫୋରମ ପକ୍ଷରୁ ଆଜି ପାଣିକୋଇଲିସ୍ଥ ଜିଲ୍ଲା ପୁଲିସ ମୁଖ୍ୟାଳୟରେ ଏସ୍‌ପିଙ୍କୁ ଭେଟି ନ୍ୟାୟ ପାଇଁ ଭିକ୍ଷା କରାଯାଇଛି। ଗତ ୨୫ ତାରିଖ ଦିନ ଦଳିତ ପରିବାର ଉପରେ ଆକ୍ରମଣ ହୋଇଥିଲା। ଏହି ଆକ୍ରମଣରେ ଜଣେ ମହିଳାଙ୍କୁ ଅସଦାଚରଣ ଓ ତାଙ୍କ ସ୍ୱାମୀ, ଶାଶୂ, ଶଶୁରଙ୍କୁ ଆକ୍ରମଣ ହୋଇଥିଲା। ଏସ୍‌ପିଙ୍କ ହସ୍ତକ୍ଷେପ ଫଳରେ ପୁଲିସ ଘଟଣାସ୍ଥଳରେ ପହଞ୍ଚିବାରୁ ବଡଧରଣର ଗଣ୍ଡଗୋଳକୁ ଏଡାଇ ଦିଆଯାଇପାରିଥିଲା। ପାଇକାରାପୁର ଗ୍ରାମର ମଦନ ମଲିକଙ୍କ ପୁଅ ଅମୂଲ୍ୟ ମଲିକଙ୍କୁ ପୂର୍ବରୁ ମନ୍ଦିର ନିର୍ମାଣରେ ଅସ୍ପୃଶ୍ୟତାକୁ ନେଇ ଜାତିଆଣା ମାମଲା ହୋଇଥିଲା। ନିର୍ବାଚନ ପରେ ଏହି ରାଗରେ ଉତ୍ୟକ୍ତ ହୋଇ ଏକ ଗୋଷ୍ଠୀ ଅମୂଲ୍ୟଙ୍କ ସ୍ତ୍ରୀକୁ ଅସଦାଚରଣ ଓ ମାଡ଼ ମାରିବା ସହ ୫ ଜଣ ମହିଳାଙ୍କୁ ମାଡ ମାରିଥିଲେ। ଏ ନେଇ ଜେନାପୁର ଥାନାରେ ୨୩୬/୨୪ରେ ମାମଲା ରୁଜୁ ହୋଇଥିଲେ ହେଁ ପୁଲିସ ଅଭିଯୁକ୍ତଙ୍କୁ ଗିରଫ କରିବା ପରିବର୍ତ୍ତେ ଦଫା କୋହଳ କରି ସେମାନେ କିପରି ସହଜରେ ମୁକୁଳାଇବା ଆଶଙ୍କା ସୃଷ୍ଟି ହୋଇଛି। ମୂଳନିବସୀ ୟୁନାଇଟେଡ ଫୋରମର ରାଜ୍ୟ କାର୍ଯ୍ୟକାରୀ ଅଧ୍ୟକ୍ଷ ମନୋରଞ୍ଜନ ଜେନାଙ୍କ ନେତୃତ୍ୱରେ ଦଳିତ ସଂଗଠନ ଜରିଆରେ ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କୁ ଭେଟି ଆପତ୍ତି କରିଥିଲେ।



ମହିଳାଙ୍କୁ ମାଡ଼ ଅଭିଯୋଗ

## ଜିଲ୍ଲାସ୍ତରୀୟ ଏକଦିବସୀୟ ବାଲ୍ୟ ବିବାହ ପ୍ରତିରୋଧ କର୍ମଶାଳା

# ‘ନିୟମିତ ସମୀକ୍ଷା ଓ ସବୁବର୍ଗର ସହଯୋଗ ମିଳିଲେ ବାଲ୍ୟବିବାହ ରୋକାଯାଇପାରିବ’

ଯାଜପୁର, ୨୭।୬(ସମିସ)

ବାଲ୍ୟ ବିବାହକୁ ପ୍ରତିହତ କରିବାକୁ ଅନେକ ଆଇନ ଓ ବ୍ୟବସ୍ଥା ରହିଥିଲେ ମଧ୍ୟ ବାଲ୍ୟ ବିବାହକୁ ସମ୍ପୂର୍ଣ୍ଣ ବନ୍ଦ କରିବାକୁ ବ୍ୟାପକ ସହଯୋଗ ଓ ସଚେତନତାର ଆବଶ୍ୟକତା ରହିଛି ବୋଲି ଆଜି ପୂର୍ବାହ୍ନରେ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲ୍ଲା ସମାଜ ମଙ୍ଗଳ ବିଭାଗ, ଶିଶୁ ସୁରକ୍ଷା ୟୁନିଟ ଓ ସ୍ୱେଚ୍ଛାସେବୀ ସଂଗଠନ ଆକ୍ସନ ଏଡ୍‌ର ମିଳିତ ଆନୁକୂଲ୍ୟରେ ଆୟୋଜିତ ଜିଲ୍ଲାସ୍ତରୀୟ ଏକଦିବସୀୟ ବାଲ୍ୟବିବାହ ପ୍ରତିରୋଧ କର୍ମଶାଳାରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ନବକ୍ରିଷ୍ଣ ଜେନା ଯୋଗଦେଇ ପ୍ରକାଶ କରିଛନ୍ତି।

ଉକ୍ତ ବୈଠକରେ ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ଶ୍ରୀମତୀ ସବିତା ଚ୍ୟାଉପଟ୍ଟନାୟକ ଅଧ୍ୟକ୍ଷତା କରି କହିଲେ, ସରକାରୀ ସ୍ତରରେ ଜିଲ୍ଲାସ୍ତରୀୟ, ବ୍ଲକସ୍ତରୀୟ ଶିଶୁ ସୁରକ୍ଷା ଓ ବାଲ୍ୟ ବିବାହ ପ୍ରତିରୋଧ ପାଇଁ ଟାସ୍କଫୋର୍ସ ଗଠନ ସହ ନିୟମିତ ସମୀକ୍ଷା କରାଯାଉଛି। ଏହି କର୍ମଶାଳାରେ ଜାତୀୟ ପ୍ରକଳ୍ପ ମୁଖ୍ୟ-ଶିଶୁ ଅଧିକାର ଆକ୍ସନ ଏଡ୍‌ର ସଂସାଧକ ଘାସିରାମ ପଣ୍ଡା ଯୋଗଦେଇ ବାଲ୍ୟ ବିବାହକୁ ପ୍ରତି ସ୍ତରରେ ପ୍ରତିହତ ପାଇଁ ଉଦ୍ୟମ ସ୍ୱରୂପ ବିଦ୍ୟାଳୟରୁ ଝିଅ ପିଲାଙ୍କ ଡ୍ରପଆଉଟର ତଥ୍ୟ ନିୟମିତ ସଂଗ୍ରହ ସହ ବିଦ୍ୟାଳୟକୁ ନ ଆସିବାର କାରଣ ଓ ସଚେତନତା ପାଇଁ ସେ ଗୁରୁତ୍ୱ ଦେଇ ପିଲାଙ୍କୁ ଶିକ୍ଷା,



ସ୍ୱାସ୍ଥ୍ୟ ଆଦି ପ୍ରଦାନ କରି ସମାଜର ମୁଖ୍ୟସ୍ରୋତରେ ସାମିଲ କରିବାକୁ ପ୍ରକାଶ କରିଥିଲେ। ବାଲ୍ୟ ବିବାହକୁ ରୋକିବା ପାଇଁ ବହୁତ ଆଇନ ଥିଲେ ମଧ୍ୟ ତାହା କୌଣସି ନା କୌଣସି ସ୍ତରରେ ଠିକ୍ ଭାବେ ପରିଚାଳନା କରାଯାଇପାରୁନାହିଁ। ବିବାହ କାର୍ଯ୍ୟ ସମ୍ପନ୍ନ ହେଉଥିବା ମଠ, ମନ୍ଦିର, ଗୀର୍ଜା ଓ ମସଜିଦରେ ଅବସ୍ଥାପିତ ଧାର୍ମିକ ମୁଖ୍ୟ ବା ପୁରୋହିତ ଅଧିକ ଯତ୍ନବାନ ହେବା ଜରୁରି। ସେହିପରି ବାଲ୍ୟ ବିବାହକୁ ରୋକିବା ଦିଗରେ ନିରନ୍ତର କାର୍ଯ୍ୟରତ ସଂଗଠନ, ବ୍ୟକ୍ତିବିଶେଷ, ସ୍ୱେଚ୍ଛାସେବୀ ସଂସ୍ଥା ଓ ଅଙ୍ଗନବାଡି କର୍ମୀ ତୃଣମୂଳ ସ୍ତରରେ ସଚେତନ କରାଇଲେ ଆଗାମୀ ଦିନରେ ଆମେ ସଫଳତା ପାଇବା ବୋଲି ଶ୍ରୀ ପଣ୍ଡା ଦୃଢୋକ୍ତି ପ୍ରକାଶ କରିଥିଲେ। ବର୍ତ୍ତମାନ ରାଜ୍ୟ ସରକାରଙ୍କ ଆଦ୍ଭିକ୍ ଯୋଜନା ବାଲ୍ୟ ବିବାହକୁ ରୋକିବା ପାଇଁ ଏକ ଯୁଗାନ୍ତକାରୀ ପଦକ୍ଷେପ ବୋଲି ଶ୍ରୀ ପଣ୍ଡା ମତବ୍ୟକ୍ତ କରିଥିଲେ। ଜିଲ୍ଲା ପ୍ରଶାସନ ପକ୍ଷରୁ ଶ୍ରୀ ପଣ୍ଡାଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ ପୂର୍ବକ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଜେନା ସମ୍ବର୍ଦ୍ଧିତ କରିଥିଲେ। ଶିଶୁ ସୁରକ୍ଷା ବିଭାଗ, ସମାଜ କଲ୍ୟାଣ ବିଭାଗ, ଶିକ୍ଷା ବିଭାଗ, ଲୋକ ପ୍ରତିନିଧି ଓ ସ୍ୱେଚ୍ଛାସେବୀଙ୍କ ମିଳିତ ସମନ୍ୱୟକୁ ଗୁରୁତ୍ୱ ଦେବା ସହ ଅଙ୍ଗନବାଡି କର୍ମୀ ଓ ଶିକ୍ଷକ ନିୟମିତ ଡ୍ରପ୍‌ଆଉଟ ସ୍ଥିତିକୁ ଅନୁଧ୍ୟାନ ଓ ପଦକ୍ଷେପ ନେବାକୁ ସେ ପରାମର୍ଶ ଦେଇଥିଲେ। ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ନିରଞ୍ଜନ କର ଯୋଗଦେଇ ଶିଶୁ ସୁରକ୍ଷା, ବାଲ୍ୟ ବିବାହର କାରଣ, ନିରାକରଣ, ସଚେତନତା, ଆକ୍ସନ ପ୍ଲାନ ପ୍ରସ୍ତୁତି, ପାରସ୍ପରିକ ସମନ୍ୱୟ ଓ ନିୟମିତ ସମୀକ୍ଷା ସମ୍ପର୍କରେ ବିଷଦ ଆଲୋକପାତ କରିଥିଲେ। ପ୍ରତ୍ୟେକ ଜିଲ୍ଲାସ୍ତରୀୟ, ବ୍ଲକସ୍ତରୀୟ, ପଞ୍ଚାୟତ ସ୍ତରୀୟ ବୈଠକରେ ବାଲ୍ୟ ବିବାହ ସମ୍ପର୍କରେ ଏକ କାର୍ଯ୍ୟସୂଚୀ ରଖାଯାଇଥିବାରୁ ଏହାର ନିୟମିତ ସମୀକ୍ଷା ପାଇଁ ବୈଠକରେ ମତ ପ୍ରକାଶ ପାଇଥିଲା। ଏହି କାର୍ଯ୍ୟକ୍ରମରେ ଶିଶୁ ମଙ୍ଗଳ କମିଟି ଅଧ୍ୟକ୍ଷା ଶ୍ରୀମତୀ ରେକ୍ସୋନା ଜେନା, ଅତିରିକ୍ତ ଜିଲ୍ଲା ମୁଖ୍ୟ ଜନସ୍ୱାସ୍ଥ୍ୟ ଅଧିକାରୀ ସୁଧାଂଶୁ ଶେଖର ବଳ, ଜିଲ୍ଲା ମଙ୍ଗଳ ଅଧିକାରୀ ଶରତ ଚନ୍ଦ୍ର ବେହେରା, ଯୁଭେନାଇନ୍ ଜଷ୍ଟିସ୍ ବୋର୍ଡର ପୁଲିସ ଅଧିକାରୀ, ବିଭିନ୍ନ ବ୍ଲକର ଶିଶୁ ପ୍ରକଳ୍ପ ଅଧିକାରୀ ଅଂଶଗ୍ରହଣ କରି ତୃଣମୂଳ ସ୍ତରରେ ଉପୁଜୁଥିବା ବିଭିନ୍ନ ସମସ୍ୟାର ସମାଧାନ ଦିଗରେ ବକ୍ତବ୍ୟ ରଖିଥିଲେ। ଶିଶୁ ସୁରକ୍ଷା ବିଭାଗ କାଉନସିଲର କାଳୀପ୍ରସାଦ ସାହୁ ଓ ସମସ୍ତ କର୍ମଚାରୀ କର୍ମଶାଳାକୁ ପରିଚାଳନା କରିଥିଲେ। ଆକ୍ସନ ଏଡ୍‌ର ଜିଲ୍ଲା ସଂଯୋଜକ ରୋଜାଲିନ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

## ଅନ୍ୱେଷଣ ପକ୍ଷରୁ ହୁଣ୍ଡିଦାନର ପ୍ରତିଦାନ କାର୍ଯ୍ୟକ୍ରମ



**ଯାଜପୁର, ୨୭।୬ (ସମିସ):** ଯାଜପୁର ଜିଲ୍ଲାର ଅଗ୍ରଣୀ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ଅନ୍ୱେଷଣ ଥିଏଟର ଗ୍ରୁପ ପକ୍ଷରୁ ଯାଜପୁର ଗୌତମ ବୁଦ୍ଧ ସଂସ୍କୃତି ଭବନାରେ ଅନ୍ୱେଷଣ ପରିବାରର ସାଂସ୍କୃତିକ ସମ୍ପାଦକ ଶଙ୍କର ସାହୁ ଓ ସଦସ୍ୟ ଗୋପାଳ ଚରଣ ବାରିକଙ୍କ ଜନ୍ମଦିନ ଅବସରରେ ଅସହାୟ କର୍କଟ ପୀଡ଼ିତଙ୍କ ଉଦ୍ଦେଶ୍ୟରେ ଅନୁଷ୍ଠାନର ମୁଖ୍ୟ ଉପଦେଷ୍ଟା ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ପଣ୍ଡିତ ଭୂପତି ଭୂଷଣ ମିଶ୍ରଙ୍କ ସଭାପତିତ୍ୱରେ ହୁଣ୍ଡିଦାନର ପ୍ରତିଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ମହତ କାର୍ଯ୍ୟକ୍ରମରେ ଉଦ୍‌ଘାଟକ ଭାବେ ଅତିରିକ୍ତ ଆୟୁକ୍ତ ଭୂଲେଖ ବନ୍ଦୋବସ୍ତ ଅଧିକାରୀ ଅକ୍ଷୟ କୁମାର ମଲ୍ଲିକ, ମୁଖ୍ୟଅତିଥି ଭାବେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଶିବାଶିଷ ମହାରଣା, ମୁଖ୍ୟବକ୍ତା ପ୍ରାଧ୍ୟାପକ ଦାମୋଦର ବେହେରା, ସମ୍ମାନିତ ଅତିଥି ଭାବେ ସମାଜସେବୀ ମୃତ୍ୟୁଞ୍ଜୟ ମିଶ୍ର, ବରିଷ୍ଠ ସାମ୍ବାଦିକ ହରିହର ସ୍ୱାଇଁ, ବିଶିଷ୍ଟ ନାଟ୍ୟକାର ନିର୍ଦ୍ଦେଶକ ନାଟ୍ୟଶ୍ରୀ ପ୍ରବୀର କୁମାର ଜେନା ଯୋଗଦାନ କରି ଅନ୍ୱେଷଣର ଏଭଳି କାର୍ଯ୍ୟକ୍ରମକୁ ଭୂୟସୀ ପ୍ରଶଂସା କରିବା ସହିତ ଅନ୍ୱେଷଣ ଆହୁରି ଏଭଳି କାର୍ଯ୍ୟକ୍ରମ ଜାରି ରଖିଥାଉ ବୋଲି ମତବ୍ୟକ୍ତ କରିଥିଲେ।

ଅନ୍ୱେଷଣର ବାର୍ଷିକ ଉତ୍ସବରେ ଅସହାୟ କର୍କଟ ପୀଡ଼ିତଙ୍କ ଉଦ୍ଦେଶ୍ୟରେ ହୁଣ୍ଡି ପ୍ରତିଷ୍ଠା କରାଯାଇଥିଲା। ଅନୁଷ୍ଠାନର ସଦସ୍ୟ ଓ ସଦସ୍ୟା ଅକ୍ଲାନ୍ତ ପରିଶ୍ରମ କରି ବିଭିନ୍ନ ଜାଗାରେ ହୁଣ୍ଡିରେ ଅର୍ଥ ସଂଗ୍ରହ କରିଥିଲେ। ସେହି ହୁଣ୍ଡିକୁ ସମସ୍ତ ଅତିଥିଙ୍କ ଉପସ୍ଥିତିରେ ଭଙ୍ଗାଯାଇଥିଲା। ସେଥିରେ ୧୯, ୧୦୧ ଟଙ୍କା ଆଦାୟ ରାଶିକୁ ଅସହାୟ କର୍କଟ ପୀଡ଼ିତ ମଙ୍ଗଳପୁର ଥାଲକୁଡ଼ି ଗ୍ରାମର ହିମାଂଶୁ ଶେଖର ନନ୍ଦି, ପାଲଟପୁର, ନୀଳକଣ୍ଠପୁର ଗ୍ରାମର ଚୌଧୁରୀ ମଲ୍ଲିକଙ୍କୁ ଅତିଥିଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା। ଏଥିସହିତ ସାମାଜିକ ଓ ସାଂସ୍କୃତିକ ବ୍ୟକ୍ତିଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ସନ୍ଧ୍ୟାରେ ଅନୁଷ୍ଠାନର କଳାକାରଙ୍କ ଦ୍ୱାରା ନାଟକ ବୁନ୍ଦାଏ ପାଣିରେ ସମୁଦ୍ର ପରିବେଷଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ସମସ୍ତ କର୍ମକର୍ତ୍ତା ଓ ସଦସ୍ୟ ଯୋଗଦାନ କରିଥିଲେ।

## ବରୀ ସରପଞ୍ଚ ସଂଘ ପକ୍ଷରୁ ବିଶ୍ୱଙ୍କୁ ସମ୍ବର୍ଦ୍ଧନା



**ବରୀ, ୨୭।୬(ସମିସ):** ସପ୍ତଦଶ ବିଧାନସଭା ନିର୍ବାଚନରେ ବରୀ ନିର୍ବାଚନମଣ୍ଡଳୀର ବିଜୁ ଜନତା ଦଳର ବିଧାୟକ ପ୍ରାର୍ଥୀ ବିଶ୍ୱରଞ୍ଜନ ମଲ୍ଲିକ ଓଡ଼ିଶାରେ ରେକର୍ଡ ଭୋଟ ବ୍ୟବଧାନରେ ବିଜୟଲାଭ କରିଛନ୍ତି। ଏ ପରିପ୍ରେକ୍ଷୀରେ ବରୀ ପଞ୍ଚାୟତ ସମିତିର ନିର୍ବାଚିତ ସରପଞ୍ଚ ଓ ସମିତିସଭ୍ୟ ସଂଘ ପକ୍ଷରୁ ଶ୍ରୀ ମଲ୍ଲିକଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଗୁରୁବାର ଅପରାହ୍ନରେ ବରୀ ନିର୍ବାଚନମଣ୍ଡଳୀ ଯୁବ ବିଜେଡି ସଭାପତି ତଥା ଜିଲ୍ଲା ପରିଷଦ ସଭ୍ୟ ଅଶୋକ କୁମାର ସାମଲଙ୍କ ସଭାପତିତ୍ୱରେ ବରୀ ବ୍ଲକ ଅର୍ନ୍ତଗତ କିମ୍ବିରିଆପାଳ ପଞ୍ଚାୟତ ମାଳଦା କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଧାୟକ ବିଶ୍ୱରଞ୍ଜନ ମଲ୍ଲିକଙ୍କୁ ବରୀ ପଞ୍ଚାୟତ ସମିତିର ସମସ୍ତ ନିର୍ବାଚିତ ଜିଲ୍ଲା ପରିଷଦ ସଭ୍ୟ, ସରପଞ୍ଚ, ସମିତି ସଭ୍ୟ/ସଭ୍ୟାଙ୍କ ପକ୍ଷରୁ ଉତ୍ତରୀୟ, ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ବିଧାୟକ ଶ୍ରୀ ମଲ୍ଲିକ ତାଙ୍କ ଅଭିଭାଷଣରେ କହିଥିଲେ, ମୁଁ ବରୀବାସୀଙ୍କ ସହିତ ଥିଲି ଅଛି ରହିବି। ଆପଣମାନେ କେବେ ଭାବିବେ ନାହିଁ ଯେ ଆମ ସରକାର ନାହିଁ ବୋଲି ଓଡ଼ିଶାରେ ଯେଉଁ ଦଳର ସରକାର ଚାଲୁ ନା କାହିଁକି ବରୀରେ ଚାଲିବ ‘ବିଶ୍ୱ ସରକାର’। ମୁଁ ସମସ୍ତଙ୍କୁ ନେଇ ବରୀର ବିକାଶ ପାଇଁ ନିଶ୍ଚୟ କାମ କରିବି। କିନ୍ତୁ ଏଥିପାଇଁ ଆପଣଙ୍କ ସହଯୋଗ ନିହାତି ଆବଶ୍ୟକ। ଆମେ ଯେଭଳି ଭାବେ ଓଡ଼ିଶାରେ ସର୍ବାଧିକ ବ୍ୟବଧାନରେ ବିଜୟ ଲାଭ କରି ଏକ ନମ୍ବର ହୋଇପାରିଛନ୍ତି, ଠିକ୍ ସେହିଭଳି ବରୀକୁ ବିକାଶରେ ଏକ ନମ୍ବର କରି ଦେଖାଇବା। ଏହି ସଭାରେ ଅନ୍ୟମାନଙ୍କ ମଧ୍ୟରେ ବରୀ ବ୍ଲକ ଅଧ୍ୟକ୍ଷ ଅଶୋକ କୁମାର ଗେଡ଼ି, ଉପାଧ୍ୟକ୍ଷା ଅର୍ଚ୍ଚନା ମଲ୍ଲିକ, ବ୍ଲକ ବିଜେଡ଼ି ସଭାପତି କେଦାର ସାମଲ, ଜିଲ୍ଲା ପରିଷଦ ସଭ୍ୟ ଦିଲ୍ଲୀପ କୁମାର ମହାନ୍ତି, ସନ୍ତୋଷ କୁମାର ସାମଲ, ଜିଲ୍ଲା ପରିଷଦ ସଭ୍ୟଙ୍କ ପ୍ରତିନିଧି ବୁଲୁ ଯାଦବ, ସରପଞ୍ଚ ପ୍ରଭାତୀ ପଲାଇ, କୁନା ମଲିକ, ସୋନାଲି ସିଂହ, ରେବତୀ ଜେନା, ଶଙ୍କର୍ଷଣ ସ୍ୱାଇଁ, ଧିରେନ୍ଦ୍ର ଜେନା, ପ୍ରଜ୍ଞାପରମିତା ପରିଡ଼ା, ରଶ୍ମିତା ପରିଡ଼ା, ସସ୍ମିତା କୁଣ୍ଡ, ସରଳା ମଲିକ, ଜଗଦୀଶ ଜେନାଙ୍କ ସମେତ ସମିତିସଭ୍ୟ ଚିନ୍ତାମଣି ଜେନା, ମାନସୀ ଦାସ, ସୁଧାଂଶୁବାଳା ସାମଲ, ସରପଞ୍ଚ ସଂଘ ସଭାପତି ପ୍ରସନ୍ନ ସାମଲ ପ୍ରମୁଖ ଯୋଗ ଦେଇଥିଲେ। ଶେଷରେ ଜିଲ୍ଲା ପରିଷଦ ସଭ୍ୟ ସନ୍ତୋଷ କୁମାର ସାମଲ ଧନ୍ୟବାଦ ଅର୍ପଣ କରିଥିଲେ।

## ପାଣ୍ଡରା ନଦୀରେ ନିଖୋଜ ବୃଦ୍ଧଙ୍କ ମୃତଦେହ ଜବତ

**ସୁକିନ୍ଦା, ୨୭।୬(ସମିସ):** ଗୁରୁବାର ସୁକିନ୍ଦା ପୁଲିସ ପାଣ୍ଡରା ନଦୀର ହରିପୁର ଘାଟ ନିକଟରୁ ଜଣେ ବୃଦ୍ଧଙ୍କ ମୃତଦେହ ଜବତ କରିଛି। ସୁକିନ୍ଦା ଥାନା ଅନ୍ତର୍ଗତ ଅନ୍ତର୍ଗତ ହରିପୁର ଗ୍ରାମର ପ୍ରାଣକୃଷ୍ଣ ପରିଡ଼ା (୮୫) ଗତ ବୁଧବାର ଦିନ ଗ୍ରାମ ପାଖ ପାଣ୍ଡରା ନଦୀରେ ଗାଧୋଇବା ସମୟରେ ହଠାତ ନିଖୋଜ ହୋଇଯାଇଥିଲେ। ପରିବାର ଲୋକେ ଓ ସେହି ସ୍ଥାନରେ ଥିବା ଅନ୍ୟ ଲୋକେ ନଦୀରେ ଖୋଜାଖୋଜି କରି ନିରାଶ ହେବାରୁ ସୁକିନ୍ଦା ଦମକଳ ବାହିନୀକୁ ସୂଚନା ଦେଇଥିଲେ। ଦମକଳ ବାହିନୀ ଅଧିକାରୀ ରଜନୀକାନ୍ତ ସାମଲଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ ବୁଧବାର ଘଟଣାସ୍ଥଳରେ ପହଞ୍ଚି ନଦୀରେ ଦୀର୍ଘ ସମୟ ଧରି ଖୋଜାଖୋଜି କରି ବିଫଳ ହୋଇ ଫେରିଥିଲେ। ଗୁରୁବାର ଦିନ ଘାଟର କିଛି ଦୂରରେ ଏକ ମୃତଦେହ ପାଣିରେ ଭାସୁଥିବା ଦେଖି ସ୍ଥାନୀୟ ଲୋକେ ସୁକିନ୍ଦା ପୁଲିସକୁ ଖବର ଦେଇଥିଲେ। ପୁଲିସ ମୃତଦେହ ଜବତ କରି ୨୩/୨୦୨୪ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ବ୍ୟବଚ୍ଛେଦ ପାଇଁ ପଠାଇ ଘଟଣାର ତଦନ୍ତ ଜାରି ରଖିଛି। ଗାଧୋଇବା ସମୟରେ ନଦୀରେ ବୁଡ଼ି ବୃଦ୍ଧଙ୍କ ମୃତ୍ୟୁ ଘଟିଥିବା ସନ୍ଦେହ କରାଯାଉଛି।

## ସରକାରୀ ଜମିକୁ ଜବରଦଖଲ କରି ବାଲି ବ୍ୟବସାୟ ଅଭିଯୋଗ



**ଦଶରଥପୁର, ୨୭।୬(ସମିସ):** ଯାଜପୁରଟାଉନ-ମଙ୍ଗଳପୁର ଜାତୀୟ ରାଜପଥର ଦଶରଥପୁର ବ୍ଲକସ୍ଥ ତେନ୍ତୁଳିଡିହଠାରୁ ବଡଲାଙ୍ଗ ରାସ୍ତା ଓ ଦଇଖାଇଠାରୁ କୁଆଁସ ମଙ୍ଗଳା ପର୍ଯ୍ୟନ୍ତ ବାଲି ମାଫିଆମାନେ ରାସ୍ତା ଉପରେ ବାଲି ରଖି ଉଚ୍ଚା ଦରରେ ବ୍ୟବସାୟ କରୁଛନ୍ତି। ଫଳରେ ରାସ୍ତାରେ ଯାତାୟାତ କରୁଥିବା ସମୟରେ ବାଲି ଉଡି ଲୋକଙ୍କ ଆଖିରେ ପଡ଼ି ଦୁର୍ଘଟଣା ଘଟିବା ସହ ରାସ୍ତା ଉପରେ ଦୀର୍ଘଦିନ ପର୍ଯ୍ୟନ୍ତ ବାଲି ପଡ଼ିରହି ରାସ୍ତାରେ ଯାତାୟାତ ପାଇଁ ସମସ୍ୟା ଉପୁଜୁଛି। ଅନ୍ୟପକ୍ଷରେ ଦଇଖାଇଠାରୁ କୁଆଁସ ମଙ୍ଗଳା ପୀଠକୁ ଯିବା ରାସ୍ତାର ଦକ୍ଷିଣ ପାର୍ଶ୍ୱରେ ପାଣିଟାଙ୍କି ଥିବା ଗୋଚର ଜମିରେ ଜଣେ ବାଲି ମାଫିଆ ବାଲି ପକାଇ ସମ୍ପୂର୍ଣ୍ଣ ଦଖଲ କରି ରଖିଛନ୍ତି। ସେଠାରେ ପୂର୍ବରୁ ସ୍ଥାନୀୟ ପିଲା ଖେଳିବା ସହିତ ଲୋକେ ଗୋରୁ, ଛେଳି ଆଦି ଚରାଇଥା’ନ୍ତି। ମାତ୍ର କିଛିଦିନ ହେବ ସମ୍ପୂର୍ଣ୍ଣ ସରକାରୀ ଜମିକୁ ଅକ୍ତିଆର କରି ରଖିଥିବାରୁ ସ୍ଥାନୀୟ ଲୋକେ ବ୍ୟବହାର କରିପାରୁନାହାନ୍ତି। ଫଳରେ ବିଭିନ୍ନ ଅଭିଯୋଗ ହେବା ସହ ସମସ୍ୟା ସୃଷ୍ଟି ହେଉଛି। ଏ ନେଇ ଦଶରଥପୁର ତହସିଲଦାର ବିକ୍ରମ କିଶୋର ପରିଡ଼ାଙ୍କୁ ଡାହାଣହତା ସରପଞ୍ଚ ପଦ୍ମାବତୀ ବିଶ୍ୱାଳ ଲିଖିତ ଅଭିଯୋଗ କରିଛନ୍ତି। ତୁରନ୍ତ ଏଥିପ୍ରତି ଦୃଷ୍ଟିଦେଇ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ସ୍ଥାନୀୟ ଆରଆଇ ତଦନ୍ତ କରିବା ପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ତହସିଲଦାର କହିଛନ୍ତି।

## ସାମାନ୍ୟ ବର୍ଷାରେ ଜଗନ୍ନାଥ ମନ୍ଦିର ରାସ୍ତା ଜଳମଗ୍ନ

**ବାଲିଚନ୍ଦ୍ରପୁର, ୨୭।୬(ସମିସ):** ଯାଜପୁର ଜିଲ୍ଲାର ବ୍ୟବସାୟିକ ପେଣ୍ଠସ୍ଥଳ ଭାବେ ପରିଚିତ ବାଲିଚନ୍ଦ୍ରପୁର ବଜାରର ରାସ୍ତା ଅବସ୍ଥା ଏବେ ଶୋଚନୀୟ ହୋଇପଡ଼ିଛି। ପୂର୍ତ୍ତ ବିଭାଗ ଅଧୀନରେ ଥିବା ଏହି ରାସ୍ତାର ଉନ୍ନତିକରଣ କାର୍ଯ୍ୟ ଏବେ ଚାଲୁ ରହିଛି। ଏହି ବଜାରର ଶ୍ରୀଜଗନ୍ନାଥ ମନ୍ଦିର ପଶ୍ଚାତ ଭାଗ ରାସ୍ତାରେ ବର୍ଷା ପାଣି ଜମି ରହୁଥିବାରୁ ବ୍ୟବସାୟୀଙ୍କଠାରୁ ଆରମ୍ଭ କରି ଗ୍ରାହକ ଓ ସ୍କୁଲ କଲେଜ ଛାତ୍ରଛାତ୍ରୀ ଯାତାୟାତରେ ଅସୁବିଧା ଭୋଗ କରୁଛନ୍ତି।



ସୂଚନା ମୁତାବକ, ବାଲିଚନ୍ଦ୍ରପୁର ବଜାର ନିକଟ ରାସ୍ତା ଉନ୍ନତିକରଣ କାର୍ଯ୍ୟ ଏବେ ବନ୍ଦ ରହିଛି। ମନ୍ଦିର ପାର୍ଶ୍ୱର ଦୁଇ ପଟ ରାସ୍ତାକୁ ଉଚ୍ଚା କରାଯାଇଥିବାବେଳେ ମନ୍ଦିର ପଛ ଭାଗ ଖାଲ ହୋଇ ପଡ଼ିରହିଛି। ଫଳରେ ଅସରାଏ ବର୍ଷା ହେଲେ ସେହି ଖାଲ ସ୍ଥାନରେ ଆଣ୍ଠୁଏ ବର୍ଷା ପାଣି ଜମି ରହୁଛି। ଏହି ବର୍ଷା ପାଣି ଭର୍ତ୍ତି ରାସ୍ତା କଡ଼ରେ ଅନେକ ଦୋକାନ ଗୃହ ରହିଥିବାରୁ ବ୍ୟବସାୟୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏବେ ମୌସୁମୀ ସକ୍ରିୟ ଥିବାରୁ ପ୍ରାୟ ପ୍ରତିଦିନ ବର୍ଷା ହେଉଛି। ଫଳରେ ଏହି ରାସ୍ତାରେ ନାନା ସମସ୍ୟା ଉପୁଜୁଛି। ଏ ନେଇ ବିଭାଗୀୟ ସହକାରୀ ଯନ୍ତ୍ରୀ ତପନ କୁମାର ସେଠୀଙ୍କୁ ପଚାରିବାରୁ ସେ କହିଛନ୍ତି, କିଛି ବ୍ୟବସାୟୀ ଏହି ରାସ୍ତାର କେତେକ ଅଂଶକୁ ନିଜ କବଜାରେ ରଖିଥିବାରୁ ଏହା ସଙ୍କୁଚିତ ହୋଇଯାଇଛି। ଆମେ ତହସିଲଦାରଙ୍କ ଦୃଷ୍ଟି ଆକର୍ଷଣ କରିଛୁ। ମାପଚୁପ କରାଯାଇ ରାସ୍ତା ବାହାରିଲେ ଅଟକିଥିବା ରାସ୍ତା କାମ କରାଯିବ ବୋଲି ଶ୍ରୀ ସେଠୀ କହିଛନ୍ତି। ବର୍ଷାଦିନ ହେତୁ ତୁରନ୍ତ ଏହି ସମସ୍ୟା ପ୍ରତି ବିଭାଗୀୟ ଅଧିକାରୀ ଆବଶ୍ୟକ ପଦକ୍ଷେପ ନେବାକୁ ବ୍ୟବସାୟୀଙ୍କ ସହିତ ସ୍ଥାନୀୟ ଅଞ୍ଚଳର ଜନସାଧାରଣ ଦାବି କରିଛନ୍ତି।

## କର୍କଟ ପୀଡ଼ିତ ଭଗବାନଙ୍କ ଚିକିତ୍ସା ପାଇଁ ଅର୍ଥ ବାଧକ



**ପାଣିକୋଇଲି, ୨୭।୬(ସମିସ):** କୋରେଇ ବ୍ଲକ ଅର୍ନ୍ତଗତ ପଥରପଦା ପଞ୍ଚାୟତର ବଡ଼ବରୁଣାଇପଦା ଗ୍ରାମ ମରିଚିଆ ସାହିର କାଳିଆ ମୁଣ୍ଡାଙ୍କ ପୁଅ ଭଗବାନ ମୁଣ୍ଡା ଦୁରାରୋଗ୍ୟ କର୍କଟ ରୋଗରେ ପୀଡ଼ିତ ଅଛନ୍ତି। ସ୍ଥାନୀୟ ଲୋକଙ୍କ ସହାୟତାରେ ସେ ପ୍ରାଥମିକ ଚିକିତ୍ସା ପାଇବା ପରେ ଏବେ ରୋଗ ସହ ଲଢୁଛନ୍ତି। ଚିକିତ୍ସାରେ ଅର୍ଥ ସାଜିଛି ବାଧକ। ଜଣେ ଦିନମଜୁରିଆ ଭାବେ କାର୍ଯ୍ୟ କରି ପରିବାର ପ୍ରତିପୋଷଣ କରୁଥିବା ଭଗବାନ କେଉଁଠୁ ଅର୍ଥ ଆଣି ଚିକିତ୍ସିତ ହେବେ, ତାହା ଏବେ ତାଙ୍କ ପାଇଁ ବଡପ୍ରଶ୍ନ ହୋଇଛି। କୌଣସି ସମାଜିକ ଅନୁଷ୍ଠାନ ବା ସହୃଦୟ ବ୍ୟକ୍ତି ଚାହିଁଲେ ସେ ଉନ୍ନତ ଚିକିତ୍ସା ପାଇପାରନ୍ତେ। ନଚେତ ଅକାଳରେ ଜୀବନ ଚାଲିଯିବା ସମ୍ଭାବନା ସୃଷ୍ଟି ହୋଇଛି। ଅର୍ଥ ଅଭାବରୁ ଉତ୍ତମ ସେବା ପାଇପାରୁନାହାନ୍ତି। ତାଙ୍କୁ ସାହାଯ୍ୟର ହାତ ବଢ଼ାଇବାକୁ ଅନୁରୋଧ କରିଛନ୍ତି ଭଗବାନ।

## ଗାଁ ମଝିରେ ବିପଦସଙ୍କୁଳ ବିଦ୍ୟୁତ୍ ଖୁଣ୍ଟ



**ରଗଡ଼ି, ୨୭।୬ (ସମିସ):** କୋରେଇ ବ୍ଲକ ତଳଗଡ଼ ପଞ୍ଚାୟତ ଉପୁଳାଇ ଗ୍ରାମ ମଝିରେ ରହିଥିବା ବହୁ ପୁରୁଣା ଲୁହା ବିଦ୍ୟୁତ ଖୁଣ୍ଟ ବିପଦସଙ୍କୁଳ ଅବସ୍ଥାରେ ରହିଛି। ଏହାର ତଳ ଅଂଶ ଖାଇ ଯାଇ ଖୁଣ୍ଟ ପୋଲ ହୋଇଯିବା ସହ ଦୁର୍ବଳ ହୋଇଯାଇଛି। ରାସ୍ତା ପାର୍ଶ୍ୱରେ ଏହା ରହିଥିବାବେଳେ ଲୋକଙ୍କ ଯାତାୟାତ ସବୁବେଳେ ଲାଗି ରହିଛି। ତେବେ କୌଣସି ଅଘଟଣ ଘଟିବା ପୂର୍ବରୁ ତୁରନ୍ତ ଏହି ଖୁଣ୍ଟକୁ ଏଠାରୁ ହଟାଇ ନିଆଯିବା ପାଇଁ ଗ୍ରାମବାସୀ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

# ଜଗନ୍ନାଥଜୀଉଙ୍କ ରଥଯାତ୍ରା ପ୍ରସ୍ତୁତି ବୈଠକ

ଯାଜପୁର, ୨୭।୬(ସମିସ)

ଆଜି ଅପରାହ୍ନରେ ଯାଜପୁର ତହସିଲଦାରଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରାକୁ ଶାନ୍ତିଶୃଙ୍ଖଳା, ଭାଇଚାରା ସହ ଆନନ୍ଦ ଉଲ୍ଲାସ ମଧ୍ୟରେ ପାଳନ କରିବା ନିମନ୍ତେ ତହସିଲଦାର ତଥା ମାନେଜିଂ ଟ୍ରଷ୍ଟି ଅରବିନ୍ଦ ବେହେରାଙ୍କ ଅଧ୍ୟକ୍ଷତାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ଯାଜପୁର ପୌର ପରିଷଦ ଅଧ୍ୟକ୍ଷା ଶ୍ରୀମତୀ ରଞ୍ଜୁଲତା ହୋତା, ଉପାଧ୍ୟକ୍ଷ ସନ୍ତୋଷ କୁମାର ମଲ୍ଲିକ, ଜିଲ୍ଲା ସଂସ୍କୃତି ଅଧିକାରୀ ସୁଶ୍ରୀ ସୋନାଲି ବେହେରା, ଅନନ୍ୟା ସାହିତ୍ୟ ସଂସଦ ସଭାପତି ସନ୍ତୋଷ ନନ୍ଦ, ଭାସ୍କର ମହାନ୍ତି, କ୍ଷୀରୋଦ ଚନ୍ଦ୍ର ପାଠୀ, ଶ୍ରୀଜଗନ୍ନାଥ ସେବା ସମିତି, ନାଗରିକ ପରିଷଦ, ଗୀତା ଜାଗରଣ ପରିଷଦ, ଯାଜପୁର ବିକାଶ ମଞ୍ଚ, ବିରଜା ମଣ୍ଡଳ ବିଦ୍ୟୁତ୍ ପରିଷଦ, ସଭାପତି ରାଧା ଗୋବିନ୍ଦ, ଭେଲଙ୍କ କୀର୍ତ୍ତନ ମଣ୍ଡଳୀ, ବୈଦ୍ୟରାଜପୁର ଘଣ୍ଟବାଦ୍ୟ କମିଟି, ହର ପାର୍ବତୀ ପୂଜା କମିଟି, ବଡ଼ବଜାର ପୂଜା କମିଟି, ସଦାବର୍ତ୍ତ ମଠ ପୂଜା କମିଟି, ମା’ ଟିଭି ଅନୁଷ୍ଠାନ, ଶ୍ରୀଜୀଉଙ୍କ ପୁରୋହିତ, ପୂଜକ, ଗୁମାସ୍ତା, ସେବକ, ସେବିକା ଓ ଅନ୍ୟାନ୍ୟ ଅନୁଷ୍ଠାନର ସଭାପତି/ସମ୍ପାଦକ,



ସଦସ୍ୟ/ସଦସ୍ୟା ଯୋଗଦେଇ ଜୁଲାଇ ୭ ତାରିଖ ଶ୍ରୀଗୁଣ୍ଡିଚା ଯାତ୍ରାଠାରୁ ଜୁଲାଇ ୧୫ ତାରିଖ ବାହୁଡା ଯାତ୍ରା ପର୍ଯ୍ୟନ୍ତ ୯ ଦିବସୀୟ ବ୍ୟାପୀ ବିଭିନ୍ନ କାର୍ଯ୍ୟକ୍ରମର ଚୂଡ଼ାନ୍ତ ରୂପରେଖ ସମ୍ବନ୍ଧରେ ବିସ୍ତୃତ ଆଲୋଚନା ପୂର୍ବକ ସିଦ୍ଧାନ୍ତ ନିଆଯାଇଥିଲା। ଗତ ୨୨।୦୬।୨୦୨୪ରେ ଅନୁଷ୍ଠିତ ବୈଠକର ବିବରଣୀକୁ ଚୂଡ଼ାନ୍ତ ରୂପରେଖ ଦେବା ନିମନ୍ତେ ବିଭାଗୀୟ ଅଧିକାରୀ ଶଶୀଭୂଷଣ ମିଶ୍ର ପଠନ କରିବା ପରେ ସର୍ବସମ୍ମତି କ୍ରମେ ବିଭିନ୍ନ କାର୍ଯ୍ୟକ୍ରମକୁ ଚୂଡାନ୍ତ ରୂପରେଖ ଦେବା ନିମନ୍ତେ ଆଲୋଚନା, ପର୍ଯ୍ୟାଲୋଚନା କରାଯାଇ ବିଭିନ୍ନ ପ୍ରସ୍ତାବକୁ ଅନୁଧ୍ୟାନ କରି ଚଳିତ ବର୍ଷର ରଥଯାତ୍ରାକୁ ଆଧ୍ୟାତ୍ମିକ ବାତାବରଣରେ ଉଚ୍ଚକୋଟୀର ପାଳନ ସହ ରଥାରୁଢ ଶ୍ରୀଜଗନ୍ନାଥ, ମା’ ସୁଭଦ୍ରା ଓ ଅଗ୍ରଜ ବଳଭଦ୍ରଙ୍କ ରଥରେ ଆଲୋକିକରଣ ବ୍ୟବସ୍ଥା କରିବାକୁ ଯାଜପୁର ପୌର ସଂସ୍ଥା ଉପାଧ୍ୟକ୍ଷ ସନ୍ତୋଷ ମଲ୍ଲିକଙ୍କ ପ୍ରସ୍ତାବକୁ ଗ୍ରହଣ କରାଯାଇ ନିଷ୍ପତ୍ତି ନିଆଯାଇଥିଲା।

ରଥଯାତ୍ରା ପାଇଁ ପାରମ୍ପରିକ ରୀତି ଅନୁଯାୟୀ ଜୁଲାଇ ୫ ତାରିଖରେ ବିଜୟ ଅମାବାସ୍ୟା, ୬ ତାରିଖରେ ନବଯୌବନ ଦର୍ଶନ, ୭ ତାରିଖରେ ନେତ୍ରୋତ୍ସବ, ଶ୍ରୀଗୁଣ୍ଡିଚା, ୮ ତାରିଖରେ ରଥ ଟଣା, ୧୧ ତାରିଖରେ ହେରା ପଞ୍ଚମୀ, ୧୫ ତାରିଖରେ ବାହୁଡା ଓ ଜୁଲାଇ ୧୬ ତାରିଖରେ ଶ୍ରୀଜୀଉଙ୍କ ମନ୍ଦିର ବିଜେ ସହ ସମସ୍ତ ଦିବସରେ ଭଜନ, ପାଲା, ନାଟକ ଆଦି ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ, ଧାରା ବିବରଣୀ, ପରିମଳ ବ୍ୟବସ୍ଥା, ବିଦ୍ୟୁତ୍ ଯୋଗାଣ, ଅଗ୍ନିଶମ ସେବା, ସ୍ୱାସ୍ଥ୍ୟ ଓ ଆମ୍ବୁଲାନ୍ସ ସେବା, ପାନୀୟ ଜଳ, ମଞ୍ଚ ପ୍ରସ୍ତୁତି ଆଦି ସମସ୍ତ କାର୍ଯ୍ୟକ୍ରମ ଉପରେ ଆଲୋଚନା କରାଯାଇଥିଲା। ଚଳିତ ବର୍ଷ ରଥଯାତ୍ରାକୁ ସମସ୍ତ ଅନୁଷ୍ଠାନ ପୂର୍ଣ୍ଣମାତ୍ରାରେ ସହଯୋଗ କରିବାକୁ ତହସିଲଦାର ଅରବିନ୍ଦ ବେହେରା, ପୌର ପରିଷଦ ଅଧ୍ୟକ୍ଷା ଶ୍ରୀମତୀ ରଞ୍ଜୁଲତା ହୋତା, ଉପାଧ୍ୟକ୍ଷ ସନ୍ତୋଷ କୁମାର ମଲ୍ଲିକ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରାଙ୍କ ସମେତ ସମ୍ପୃକ୍ତ ବିଭାଗୀୟ ଅଧିକାରୀ, ଅନୁଷ୍ଠାନର କର୍ମକର୍ତ୍ତା, ଅନ୍ୱେଷଣ ଥିଏଟର ଗ୍ରୁପର ସଭାପତି ବୃନ୍ଦାବନ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ।

## ପିଏଫ୍ ଟଙ୍କାକୁ କେନ୍ଦ୍ରକରି ଉତ୍ତେଜନା

# ଜନସେବା କେନ୍ଦ୍ର ମାଲିକଙ୍କୁ ଆକ୍ରମଣ

**ହାଟଡ଼ିହୀ,୨୭।୬(ସମିସ)**

କେନ୍ଦୁଝର ଜିଲ୍ଲା ନନ୍ଦିପଦା ଥାନା ନିକଟରେ ଥିବା ଅମର କମ୍ୟୁନିକେସନ ନାମକ ଏକ ଜନସେବା କେନ୍ଦ୍ରର ମାଲିକ ଅମର କୁମାର ସେଠୀଙ୍କୁ କିଛି ଯୁବକ ମରଣାନ୍ତକ ଆକ୍ରମଣ କରିଥିବା ଜଣାଯାଇଛି। ମୁଣ୍ଡ ଓ ହାତରେ ଗଭୀର ଆଘାତ ଲାଗିଥିବାରୁ ପ୍ରବଳ ରକ୍ତସ୍ରାବ ଯୋଗୁଁ ଅମର ଗୁରୁତର ହୋଇ ପଡ଼ିଥିଲେ। ଫଳରେ ପରିବାର ଲୋକେ ତାଙ୍କୁ ତୁରନ୍ତ ମେଡ଼ିକାଲରେ ଭର୍ତ୍ତି କରିଥିବା ଜଣାଯାଇଛି। ବର୍ତ୍ତମାନ ସେ ଚିକିତ୍ସାଧୀନ ଅବସ୍ଥାରେ ଅଛନ୍ତି।

ପ୍ରାପ୍ତ ଖବର ଅନୁସାରେ, ଚଣ୍ଡିଆବିରଞ୍ଚିପୁର ଗ୍ରାମର ଜନୈକ ଯୁବକ ଜନସେବା କେନ୍ଦ୍ର ମାଧ୍ୟମରେ ନିଜ ବ୍ୟାଙ୍କ ଆକାଉଣ୍ଟକୁ ପିଏଫ୍ ଟଙ୍କା ପାଇଁ ଆବେଦନ କରିଥିଲେ ଏବଂ କିଛିଦିନ ପୂର୍ବରୁ ଟଙ୍କା ମଧ୍ୟ ସେ ପାଇଥିଲେ। ପରବର୍ତ୍ତୀ ସମୟରେ ପୁନର୍ବାର ତାଙ୍କ ଆକାଉଣ୍ଟକୁ ଟଙ୍କା ନ ଆସିବାରୁ 'ମୋ ଆକାଉଣ୍ଟକୁ କାହିଁକି ଟଙ୍କା ଆସୁନାହିଁ' ବୋଲି ଅମରଙ୍କୁ ତାଗିଦ କରିବା ସହିତ ଅସଭ୍ୟ ଭାଷାରେ ଗାଳିଗୁଲଜ କରିଥିଲେ। ଅଭାଷା ପ୍ରୟୋଗରୁ ଅମର ଉତ୍କ୍ଷିପ୍ତ ହୋଇ ଉକ୍ତ ଯୁବକ ତଥା ଗ୍ରାହକକୁ ପ୍ରଥମେ ଏକ ଚାପୁଡ଼ା ମାରିଥିବା ନେଇ ଯୁବକଙ୍କ ଅଭିଯୋଗରୁ ଜଣାଯାଇଛି।






ଏଥିରେ ଯୁବକ ଜଣକ ଆହତ ହୋଇ ହାଟଡିହୀ ମେଡ଼ିକାଲରେ ଚିକିତ୍ସା ହୋଇଥିଲେ। ତେବେ ଦିବା ପ୍ରାୟ ୨ଘଟିକା ସମୟରେ ଅମର ତାଙ୍କ ଜନସେବା କେନ୍ଦ୍ରରେ ଏକାକୀ ବସିଥିବା ସମୟରେ ପିଏଫ୍ ଟଙ୍କା ଆବେଦନକାରୀ ଉକ୍ତ ଯୁବକ ଏବଂ ତାଙ୍କର କିଛି ସହଯୋଗୀ ମିଶି ମାରଣାସ୍ତ୍ର ସାହାଯ୍ୟରେ ଅମରଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଫଳରେ ଅମରଙ୍କ ମୁଣ୍ଡ ଓ ହାତରେ ଗଭୀର ଆଘାତ ଲାଗି ପ୍ରବଳ ରକ୍ତସ୍ରାବ ହୋଇଥିଲା। ପ୍ରତିରକ୍ଷା ପାଇଁ ସେହି ସମୟରେ ଅମରଙ୍କ ନିଜ ଲୋକ କେହି ପାଖରେ ନଥିବାରୁ ଏଭଳି ଆକ୍ରମଣରୁ ସେ ସଂଜ୍ଞାହୀନ ହୋଇପଡ଼ିଥିଲେ। ଖବର ପାଇ ପରିବାର ଲୋକେ ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ ଗୁରୁତର ଓ ସଂଜ୍ଞାହୀନ ଅବସ୍ଥାରେ ଉଦ୍ଧାର କରି ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରି ଚିକିତ୍ସା କରାଉଥିବା ଜଣାଯାଇଛି। ଏହି ଘଟଣାକୁ କେନ୍ଦ୍ର କରି ମରେଇଗାଁ ଛକରେ ଏକ ଦୋକାନ ସହ ଗୋଟିଏ ବାଇକ ପୋଡ଼ାଜଳା ହୋଇଛି। ଘଟଣାସ୍ଥଳରେ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁ ଲିଭାଇଥିବା ବେଳେ ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚିଯିବାରୁ ଆକ୍ରମଣକାରୀ ଖସିଯିବାରେ ସକ୍ଷମ ହୋଇଛନ୍ତି। ତେବେ ଖବର ଲେଖାହେବା ଯାଏଁ ଉଭୟ ପକ୍ଷରୁ ଥାନାରେ କୌଣସି ଲିଖିତ ଅଭିଯୋଗ ହୋଇନଥିବା ଜାଣିବାକୁ ମିଳିଛି। ପ୍ରକାଶ ଥାଉକି, ଅମରଙ୍କ ଜନସେବା କେନ୍ଦ୍ରଟି ସମବାୟ ସମିତି କାର୍ଯ୍ୟାଳୟ ସହ ସଂଲଗ୍ନ ଥିବାରୁ ଘଟଣାର ସମସ୍ତ ଭିଡିଓ କାର୍ଯ୍ୟାଳୟରେ ଲାଗିଥିବା ସିସିଟିଭି କ୍ୟାମେରାରୁ ମିଳିପାରିବ ବୋଲି କୁହାଯାଇଛି।

## ଗଡ଼ିଆରେ ବୁଡ଼ି ଅଢ଼େଇ ବର୍ଷର ଶିଶୁପୁତ୍ରର ମୃତ୍ୟୁ

**ତୁରୁମୁଙ୍ଗା,୨୭।୬(ସମିସ):** ଗଡ଼ିଆରେ ପଡ଼ି ଅଢ଼େଇ ବର୍ଷର ଶିଶୁ ପୁତ୍ରର ମୃତ୍ୟୁ ଘଟିଛି। ଏଭଳି ଦୁଃଖଦ ଘଟଣା ଘଟିଛି ତୁରୁମୁଙ୍ଗା ଥାନା ବାଇକଳା ଗ୍ରାମରେ। ମୃତ ଶିଶୁପୁତ୍ର ହେଲେ ବାଇକଳା ଗ୍ରାମର ପ୍ରମୋଦ ମୁଣ୍ଡାଙ୍କ ଅଢ଼େଇ ବର୍ଷର ଶିଶୁପୁତ୍ର ବିର୍ଶା ମୁଣ୍ଡା। ଆଜି ଅପରାହ୍ନରେ ଶିଶୁପୁତ୍ରର ଜେଜେବାପା ରଘୁ ମୁଣ୍ଡା ବିଲକୁ କାମ କରିବାକୁ ଯାଇଥିବା ସମୟରେ ସାଙ୍ଗରେ ନାତିକୁ ନେଇ ଯାଇଥିଲେ। ଜେଜେବାପା ବିଲରେ କାମ କରୁଥିବା ସମୟ ଶିଶୁପୁତ୍ରଟି ଖେଳୁଖେଳୁ ବିଲ ପାଖରେ ଥିବା ଏକ ଗଡ଼ିଆରେ ପଡ଼ି ବୁଡ଼ି ଯାଇଥିଲା। ଖାଜାଖୋଜି କରିବା ସମୟରେ ଗଡ଼ିଆରେ ମୃତଦେହ ଭାସୁଥିବା ଦେଖିବାକୁ ପାଇ ପୁଲିସ ଖବର ଦେଇଥିଲେ। ଖବର ପାଇ ତୁରୁମୁଙ୍ଗା ଥାନା ଏଏସ୍ଆଇ ବିରେନ୍ଦ୍ର କିଶୋର ବେହେରା ଘଟଣାସ୍ଥଳରେ ପହଞ୍ଚି ଶବକୁ ଜବତ କରି ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏନେଇ ତୁରୁମୁଙ୍ଗା ଥାନାରେ ୧୮/୨୪ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

## ପାଞ୍ଚଫୁଟର ଅଜଗର ଉଦ୍ଧାର



**ବେଲବାହାଳି,୨୭।୬(ସମିସ):** କେନ୍ଦୁଝର ଜିଲ୍ଲା ଆନନ୍ଦପୁର ବ୍ଲକ ଅନ୍ତର୍ଗତ ଜଳସୁଆଁ ପଞ୍ଚାୟତ ନୟାଗଡ ଗ୍ରାମର ଏନ୍‌ସିସି କ୍ରିକେଟ ପଡ଼ିଆ ନିକଟରୁ ଏକ ୫ ଫୁଟ ଲମ୍ବର ଅଜଗର ଗ୍ରାମବାସୀଙ୍କ ଦ୍ୱାରା ଉଦ୍ଧାର କରାଯାଇଛି। ସୂଚନା ଅନୁଯାୟୀ ବୁଧବାର ସନ୍ଧ୍ୟା ସାତଟା ସମୟରେ ପାଞ୍ଚ ଫୁଟ ଅଜଗରକୁ ଉଦ୍ଧାର କରି ଗ୍ରାମବାସୀ ମାନେ ଆନନ୍ଦପୁର ବନ ବିଭାଗକୁ ଜଣାଇଥିଲେ। ରାମଚନ୍ଦ୍ରପୁର ବନ ବିଭାଗ ଅଧିକାରୀ କେଦାର ପାତ୍ର ଏବଂ ଫରେଷ୍ଟ ଗାର୍ଡ ଶଙ୍କରସନ ସା, ଟୁନୁ ସୋରେନ, ସୌଭାଗ୍ୟ ଜେନା, ବିକାଶ ରଞ୍ଜନ ମହାନ୍ତି, ନୟାଗଡ ଗ୍ରାମରେ ପହଞ୍ଚି ଗ୍ରାମବାସୀଙ୍କ ନିକଟରୁ ଅଜଗରକୁ ନିଜ ହେପାଜତକୁ ନେଇଥିବା ଜଣାପଡ଼ିଛି।

## ବାଇକ୍‌ରୁ ପଡ଼ି ବୃଦ୍ଧା ମୃତ

**ହାଟଡ଼ିହୀ,୨୭।୬(ସମିସ):** କେନ୍ଦୁଝର ଜିଲ୍ଲା ହାଟଡିହୀ ବ୍ଲକ ଝଣଝଣା ଗ୍ରାମର କୌଶଲ୍ୟା ଦେହୁରୀ (୬୦) ନାମକ ଜଣେ ବୃଦ୍ଧା ଛେନାପଦି କେନାଲ ରାସ୍ତାରେ ଅପରାହ୍ନ ପ୍ରାୟ ସାଢ଼େ ୪ଟା ସମୟରେ ନିଜ ସମ୍ପର୍କୀୟଙ୍କ ବାଇକ୍ ବସି ଘରକୁ ଫେରୁଥିବା ସମୟରେ ବାଇକରୁ ପଡ଼ି ଗୁରୁତର ହୋଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟକୁ ନିଆଯାଇଥିଲେ ସୁଦ୍ଧା ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି। ଏଭଳି ଏକ ଦୁଃଖଦ ଖବରକୁ ନେଇ ମୃତ କୌଶଲ୍ୟାଙ୍କ ପରିବାର ସହ ଗ୍ରାମରେ ଶୋକର ଛାୟା ଖେଳିଯାଇଛି।

## ଅସରାଏ ବର୍ଷାରେ ରାସ୍ତା ଅବସ୍ଥା ବେହାଲ



**ରାମଚନ୍ଦ୍ରପୁର,୨୭।୬(ସମିସ):** ପହିଲି ଆଷାଢ଼ର ଅସରାଏ ବର୍ଷାରେ ବେହାଲ ହୋଇପଡିଛି ରାମଚନ୍ଦ୍ରପୁର ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟକୁ ସଂଯୋଗ କରୁଥିବା ରାସ୍ତା। ଜାତୀୟ ରାଜପଥ କଡ଼ରେ ଥିବା ଏହି ରାସ୍ତା କାଦୁଅ ପଚପଚ। ରାସ୍ତାରେ ପାଣି ଜମି ରହିବା ଯୋଗୁଁ ସାଧାରଣ ଭାବେ ଚାଲିକି ଯିବା ଆସିବା କରିବା ବି କଷ୍ଟସାଧ ହୋଇପଡିଛି। ରାଜସ୍ୱ ନିରୀକ୍ଷକ ଅଫିସକୁ ସଂଯୋଗ କରୁଥିବା ରାସ୍ତାର ଦୟନୀୟ ଅବସ୍ଥା ଦେଖି ଅନେକ ନାପସନ୍ଦ କରିଛନ୍ତି। ତୁରନ୍ତ ଯୁଦ୍ଧକାଳିନ ଭିତ୍ତିରେ ସମସ୍ୟା ସୁଧାରିବାକୁ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

## ଭତ୍ତା ପାଇବାରୁ ବଞ୍ଚିତ ଲଳିତା



**ତେଲକୋଇ,୨୭।୬(ସମିସ):** ଆଦିବାସୀ ଅଧ୍ୟୁଷିତ ଜୁଆଙ୍ଗ ଜନଜାତି ମହିଳା ଲଳିତା ଜୁଆଙ୍ଗ ବିଧବା ଭତ୍ତାରୁ ବଞ୍ଚିତ ହୋଇଛନ୍ତି। ଏଭଳି ଚିତ୍ର ଦେଖିବାକୁ ମିଳିଛି ତେଲକୋଇ ବ୍ଲକ ଅନ୍ତର୍ଗତ ଶିବନାରାୟଣପୁର ଗୋଡ଼ା ପଞ୍ଚାୟତ ଅଧୀନ ସାନ କୁମୁଣ୍ଡୁ ଗ୍ରାମରେ। ଲଳିତାଙ୍କ ସ୍ୱାମୀ ଚନ୍ଦ୍ର ଜୁଆଙ୍ଗ ଦୀର୍ଘ ୪ବର୍ଷ ହେବ ଆରପାରିରେ। ହେଲେ ସେ ଭତ୍ତା ପାଇଁ ପଞ୍ଚାୟତ ଠାରୁ ଆରମ୍ଭ କରି ବ୍ଲକ ପର୍ଯ୍ୟନ୍ତ ବାରମ୍ବାର ଅଭିଯୋଗ କରିଥିଲେ ମଧ୍ୟ ବିଫଳ ହୋଇଛନ୍ତି। ତେଣୁ ଅସହାୟ ଲଳିତାଙ୍କୁ ତୁରନ୍ତ ବିଧବା ଭତ୍ତା ଯୋଗାଇ ଦେବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

## ବାଙ୍ଗାଲୋରରେ ଶାଳଣିଆଁ ଯୁବକଙ୍କ ମୃତ୍ୟୁ



**ହାଟଡ଼ିହୀ,୨୭।୬(ସମିସ):** ନନ୍ଦିପଦା ଥାନା ତଥା ହାଟଡିହୀ ବ୍ଲକ ଶାଳଣିଆଁ ପଞ୍ଚାୟତ ବିଷ୍ଣୁପୁର ଗ୍ରାମର ସନାତନ ମହାକୁଡ଼ଙ୍କ ପୁଅ ରାଜେଶ (୨୯) ଗତ ୫ବର୍ଷ ହେବ ସୁଦୂର ବାଙ୍ଗାଲୋର ସହରକୁ ନିଜ ପରିବାରର ଗୁଜୁରାଣ ପାଇଁ ମେଣ୍ଟାଇବା ପାଇଁ ଦାଦନ ଖଟିବାକୁ ଯାଇଥିଲେ। ସେଠାରେ ତାଙ୍କର ମୃତ୍ୟୁ ଘଟିଥିବା ଜଣାଯାଇଛି। ପୁଅକୁ ହରାଇ ବାପା, ମା' ଦୁଃଖରେ ଭାଙ୍ଗି ପଡ଼ିଥିବା ବେଳେ ଏବେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସୂଚନା ଅନୁସାରେ ରାଜେଶ ଏକ ଘରଭଡ଼ା ନେଇ ସେଠାରେ ରହୁଥିଲେ। କିଛି ମାସ ପୂର୍ବରୁ ରାଜେଶ ଗାଁକୁ ବୁଲିବାକୁ ଆସିଥିଲେ। କିନ୍ତୁ ବୁଧବାର ରାଜେଶ ମୃତ୍ୟୁବରଣ କରିଥିବା ନେଇ ସେଠାକାର ବାମନାଳି ଥାନା ପୁଲିସ ରାତି ସମୟରେ ଫୋନ କରି ପରିବାର ଲୋକଙ୍କୁ ଜଣାଇଥିଲେ। ତେବେ ଏକ ଫ୍ୟାନରେ ଝୁଲି ପଡ଼ିଥିବା ଅବସ୍ଥାରେ ତାଙ୍କ ମୃତଦେହ ଉଦ୍ଧାର କରାଯାଇଥିବା କୁହାଯାଇଛି। ରାଜେଶଙ୍କ ଏପରି ଅସ୍ୱାଭାବିକ ମୃତ୍ୟୁକୁ ପରିବାର ଲୋକେ ସହଜରେ ଗ୍ରହଣ କରିପାରୁନଥିବା ବେଳେ ଶାଳଣିଆଁ ପଞ୍ଚାୟତର ପୂର୍ବତନ ସମିତିସଭ୍ୟ ବୀରେନ୍ଦ୍ର ବିଶ୍ୱାଳ ଏପରି ମୃତ୍ୟୁକୁ ନେଇ ସନ୍ଦେହ ପ୍ରକାଶ କରିଥିବା ବେଳେ ରାଜ୍ୟ ସରକାରଙ୍କ ହସ୍ତକ୍ଷେପ ଲୋଡ଼ି ନିରପେକ୍ଷ ତଦନ୍ତ ଦାବି କରିଛନ୍ତି।

## ବରିଷ୍ଠ ନାଗରିକ ପରିଷଦ ପକ୍ଷରୁ ସ୍ୱାସ୍ଥ୍ୟଶିବିର

**ଆନନ୍ଦପୁର,୨୭।୬(ସମିସ):** ଆନନ୍ଦପୁର ବରିଷ୍ଠ ନାଗରିକ ପରିଷଦ ପକ୍ଷରୁ ଏକ ସ୍ୱାସ୍ଥ୍ୟ ଶିବିର ଗୁରୁବାର ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟରେ ଅନୁଷ୍ଠିତ ହୋଇଯାଇଛି। ପରିଷଦର ସଭାପତି ରମାକାନ୍ତ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଶିବିରକୁ ଆନନ୍ଦପୁର ଉପଜିଲ୍ଲାପାଳ ଫାଲ୍‌ଗୁନୀ ମାଝୀ ଉଦ୍‌ଘାଟନ କରି କହିଥିଲେ ବରିଷ୍ଠ ନାଗରିକମାନେ ସମାଜର ଦିଗଦର୍ଶକ ହୋଇଥିବାରୁ ସେମାନେ ସୁସ୍ଥ ରହିଲେ ସମାଜ ସୁସ୍ଥ ରହିବ। ତେଣୁ ସେମାନଙ୍କୁ ଉତ୍ତମ ସ୍ୱାସ୍ଥ୍ୟ ଯୋଗାଇଦେବା ରାଷ୍ଟ୍ରର ପରମ କର୍ତ୍ତବ୍ୟ। ଏଥିରେ ସମ୍ମାନନୀୟ ଅତିଥି ଭାବରେ ଯୋଗଦାନ କରି ଚିକିତ୍ସାଳୟର ଅଧିକ୍ଷକ ଧନେଶ୍ୱର ସେଠୀ ବରିଷ୍ଠ ନାଗରିକ ମାନେ ସମାଜର ସମ୍ବଳ। ସେମାନଙ୍କୁ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସମସ୍ତ ପ୍ରକାର ସାହାଯ୍ୟ ସହଯୋଗ ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ଅନ୍ୟତମ ଅତିଥି ଭାବରେ ଘସିପୁରା ତହସିଲଦାର ନୀଳକଣ୍ଠ ବେହେରା ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ସମ୍ପାଦକ ଅରୁଣ ମହାନ୍ତି ଅତିଥିମାନଙ୍କୁ ସ୍ୱାଗତ କରିଥିଲେ। ସଭା ଶେଷରେ କାର୍ଯ୍ୟକାରୀ ସଭାପତି ଅଶୋକ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଶିବିରରେ ଆନନ୍ଦପୁର ଉପଖଣ୍ଡର ବରିଷ୍ଠ ନାଗରିକମାନେ ବହୁ ସଂଖ୍ୟାରେ ଯୋଗଦେଇ ନିଜ ନିଜ ସ୍ୱାସ୍ଥ୍ୟ ପରୀକ୍ଷା ସହିତ ଆବଶ୍ୟକୀୟ ଡାକ୍ତରୀ ପରାମର୍ଶ ଗ୍ରହଣ କରିଥିଲେ। ଡ.ଉଦୟ ଭାସ୍କର ପଣ୍ଡା, ଡ. ନୀଳକଣ୍ଠ ତା, ଡ. ଆଶୁତୋଷ ରଥ ପ୍ରମୁଖ ବିଶେଷଜ୍ଞମାନେ ଏହି ଶିବିରରେ ଅଂଶଗ୍ରହଣ କରିଥିଲେ। ପରିଷଦର କର୍ମକର୍ତ୍ତା କୀର୍ତ୍ତନ ବିହାରୀ ସାହୁ, ବିନୋଦ ମିଶ୍ର, ବିନୋଦ ଦାସ, ରବୀନ୍ଦ୍ର ଚାନ୍ଦ, ରାମଚନ୍ଦ୍ର ଜେନା, ଗଗନ ବିହାରୀ ଭଟ୍ଟାଚାର୍ଯ୍ୟ, କିଶୋର ମିଶ୍ର, ରତ୍ନାକର ଦାସ, କୀର୍ତ୍ତନ ସାହୁ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।



## ପ୍ରଥମ ବାର୍ଷିକ ଗ୍ଲୋବାଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ



**ତେଲକୋଇ,୨୭।୬(ସମିସ):** ତେଲକୋଇ ବ୍ଲକର ମୁଖ୍ୟାଳୟର ରାମଚନ୍ଦ୍ରପୁର ଖେଳପଡିଆ ଠାରେ ୩ଦିନ ଧରି ଚାଲିଥିବା କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ବ୍ଲକର ବିଭିନ୍ନ ସ୍ଥାନରୁ ୧୬ଟି ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚ କତରାପାଲି ଏକାଦଶ ଓ ରାମଚନ୍ଦ୍ରପୁର ଗ୍ଲୋବାଲ କ୍ରିକେଟ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଉକ୍ତ ମ୍ୟାଚରେ ରାମଚନ୍ଦ୍ରପୁର ଗ୍ଲୋବାଲ କ୍ରିକେଟ କ୍ଲବ ବିଜୟୀ ହୋଇ ଚାମ୍ପିଅନ ହୋଇଥଲା। ଉକ୍ତ ଟୁର୍ଣ୍ଣାମେଣ୍ଟର ଉଦ୍‌ଘାଟନ ଉତ୍ସବରେ ମୁଖ୍ୟଅତିଥି ଭାବେ ବରିଷ୍ଠ ସମାଜସେବୀ କୈଳାସ ଚନ୍ଦ୍ର ପ୍ରଧାନ ଯୋଗ ଦେଇଥିବା ବେଳେ ଉଦ୍‌ଯାପିତ ଉତ୍ସବରେ ସ୍ଥାନୀୟ ନବନିର୍ବାଚିତ ବିଧାୟକ ଡାକ୍ତର ଫକୀର ମୋହନ ନାଏକ ଯୋଗ ଦେଇଥିଲେ। ଅନ୍ୟଅତିଥିମାନଙ୍କ ମଧ୍ୟରେ ପ୍ରମୋଦ କୁମାର ସାହୁ, ଯଦୁମଣି ବିଶ୍ୱାଳ ଯୋଗଦେଇ ବିଜେତା ଓ ଉପବିଜେତା ଦଳକୁ ଟ୍ରଫି ସହ ଅର୍ଥ ରାଶି ପ୍ରଦାନ କରିଥଲେ। ଏହି ଖେଳରେ ଅମ୍ପେୟାର ଭାବେ ସତ୍ୟବ୍ରତ ବିଶ୍ୱାଳ ଓ ପରେଶ୍ ବେହେରା ପରିଚାଳନା କରିଥିଲେ। ତେବେ ଉକ୍ତ ଟୁର୍ଣ୍ଣାମେଣ୍ଟକୁ କ୍ଲବର ସଭାପତି ଦେବାଶିଷ ସାହୁ, ସମ୍ପାଦକ ଜିତ୍ ସାହୁ ସମେତ ସମସ୍ତ ସଦସ୍ୟ ଉପସ୍ଥିତ ରହି ସହଯୋଗ କରିଥିଲେ।

## ଅବସରପ୍ରାପ୍ତ ପ୍ରଧାନଶିକ୍ଷକଙ୍କ ସ୍ମୃତିସଭା

**ଆନନ୍ଦପୁର,୨୭।୬(ସମିସ):** ଆନନ୍ଦପୁର ବ୍ଲକ ଟୁକୁଣା ଗ୍ରାମର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପଦ୍ମନାଭ ମଲ୍ଲିକଙ୍କ ଏକାଦଶାହ କ୍ରିୟା ଅବସରରେ ଟୁକୁଣାସ୍ଥିତ ବାସଭବନ ପରିସରରେ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଏହି ସ୍ମୃତିଚାରଣ ସଭାରେ ଆନନ୍ଦପୁର ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ରମାକାନ୍ତ ନାୟକ, ସାହିତ୍ୟିକ ରତ୍ନାକର ଦାଶ, କବି ଧୂମକେତୁ ଦାସ, ପଣ୍ଡିତ ରକ୍ଷାକର ଦାସ, କବି ନରହରି ରାଉତ, ବଉଳା ସାହିତ୍ୟ ସଂସଦର ସଂପାଦକ ସୁରେନ୍ଦ୍ର ପରିଡା, କବି ବନମାଳୀ ଜେନା ପ୍ରମୁଖ ସାରସ୍ୱତ ସାଧକମାନେ ଯୋଗଦେଇ ପଦ୍ମନାଭ ମଲ୍ଲିକଙ୍କ ସ୍ମୃତିଚାରଣ କରିଥିଲେ। ଏହି ସ୍ମୃତିଚାରଣ ସଭାରେ ବଡପୁଅ ଆଇନଜୀବୀ ହେମନ୍ତ କୁମାର ମଲ୍ଲିକ, ବିଭୂତି ଭୂଷଣ ମଲ୍ଲିକ, ପ୍ରେମାନନ୍ଦ ମଲ୍ଲିକ, ଅଶୋକ କୁମାର ମଲ୍ଲିକ, ମାନସ କୁମାର ମଲ୍ଲିକ, କେଦାର କୁମାର ମଲ୍ଲିକ, ପ୍ରକାଶ କୁମାର ମଲ୍ଲିକ, ରତିକାନ୍ତ ମଲ୍ଲିକ ଏବଂ ସମସ୍ତ ବୋହୂମାନେ ଉପସ୍ଥିତ ରହି ସ୍ମୃତିଚାରଣ କରିଥିଲେ। ଏହି ସ୍ମୃତିଚାରଣ ସଭାକୁ ସାନ ଜାମାତା ଆଇନଜୀବୀ ଚତୁର୍ଭୁଜ ଜେନା, ସାନଝିଅ ଶିକ୍ଷୟିତ୍ରୀ ସ୍ୱର୍ଣ୍ଣପ୍ରଭା ମଲ୍ଲିକ ଆୟୋଜନ କରିଥିବା ବେଳେ ସ୍ୱର୍ଗତ ଆତ୍ମାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ ସହିତ ସ୍ମୃତିଚାରଣ କରିଥିଲେ। ଏଥିସହିତ ସମସ୍ତ ଝିଅ ଜ୍ୱାଇଁ, ନାତିନାତୁଣୀ, ଆତ୍ମୀୟ ସ୍ୱଜନ, ବନ୍ଧୁ ଏବଂ ପରିବାରବର୍ଗ ଉପସ୍ଥିତ ରହି ଅମର ଆତ୍ମାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ବାବା ସାହେବ ଆମ୍ବେଦକର ସେବାସଂଘ ଆନନ୍ଦପୁରର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ରହି ସ୍ମୃତିଚାରଣ କରିଥିଲେ।



## ଚୋରା ମୋରମ ସହ ଟ୍ରାକ୍ଟର ଓ ଜେସିବି ମେସିନ ଜବତ



**ହାଟଡ଼ିହୀ,୨୭।୬(ସମିସ):** ଚୋରା ମୋରମ ବେପାର ଦ୍ୱାରା ବେଶ ଦି'ପଇସା ମୁନଫା କରି ପକେଟ ଗରମ କରୁଥିବା କିଛି ପେଶାଦାର ମୋରମ ମାଫିଆ ବୁଧବାର ରାତି ସୋସୋ ଥାନା ଅନ୍ତର୍ଗତ କାହାଳିଆଗଡ଼ିଆ ଅଞ୍ଚଳରେ ମୋରମ ଉତ୍ତୋଳନ କରୁଥିବା ନେଇ ସୋସୋ ପୁଲିସ ବିଶେଷ ସୂତ୍ରରୁ ଖବର ପାଇ ଅତର୍କିତ ଚଢ଼ଉ କରିଥିଲା। ଆନନ୍ଦପୁର ଏସ୍‌ଡିପିଓଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ସୋସୋ ଥାନା ଅଧିକାରୀ ବିଜୟ ବିହାରୀ ସଦଳବଳେ ଘଟଣାସ୍ଥଳରେ ପହଞ୍ଚି ଚୋରା ମୋରମ ଉତ୍ତୋଳନ କରୁଥିବା ଜେସିବି ମେସିନ ସହ ୫ ଗୋଟି ଟ୍ରାକ୍ଟର ଜବତ କରିଥିବା ଜାଣିବାକୁ ମିଳିଛି। ମୋରମ ମାଫିଆମାନେ ପୂର୍ବରୁ ହସ୍ତୀ ଅଭୟାରଣ୍ୟ, ଗ୍ରାମ୍ୟ ଜଙ୍ଗଲ, ସରକାରୀ ଜାଗା ଭଳି ଅଞ୍ଚଳ ଗୁଡ଼ିକରୁ ମୋରମ, ପଥର ଖୋଳି ଚୋରାଚାଲାଣ କରିଥିବାର ବହୁ ଉଦାହରଣ ରହିଛି। ତେବେ ଏହି ଘଟଣାରେ ସମ୍ପୃକ୍ତ ଗାଡ଼ି ଚାଳକମାନଙ୍କୁ ପୁଲିସ ଅଟକ ରଖିଥିବା ବେଳେ ଗାଡ଼ି ଗୁଡ଼ିକୁ ମଧ୍ୟ ଜବତ କରି ଥାନାରେ ରଖିଛି। ଏ ସଂକ୍ରାନ୍ତରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ଜଣାଯାଇଛି।

## ଭଙ୍ଗାଦଦରା ଘରେ ଚାଲିଛି ଅଙ୍ଗନବାଡ଼ି କେନ୍ଦ୍ର



**କେନ୍ଦୁଝର,୨୭।୬(ସମିସ):** କେନ୍ଦୁଝର ଜିଲ୍ଲାର ସମସ୍ତ ବ୍ଲକ ଅପେକ୍ଷା ବାଂଶପାଳ ବ୍ଲକ ଅଞ୍ଚଳ ପଛୁଆ ଭାବେ ଜଣା। ଏହି ବ୍ଲକ ଅଞ୍ଚଳରେ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ସବୁ କ୍ଷେତ୍ରରେ ଅନ୍ୟ ବ୍ଲକରୁ ପଛରେ। ଏହି ବ୍ଲକ ଅଞ୍ଚଳରେ ସର୍ବାଧିକ ଆଦିମ ଜନଜାତି, ଜନଜାତି ଲୋକେ ବସବାସ କରନ୍ତି। ଆଦିମ ଜନଜାତି ଜୁଆଙ୍ଗ, ଭୂୟାଁ ପ୍ରଭୃତି ଲୋକେ ଅଧିକ ବସବାସ କରନ୍ତି। ଏମାନଙ୍କ ନିମନ୍ତେ ଅନେକ ଯୋଜନା କାର୍ଯ୍ୟକାରୀ ହେଉଛି। ମାତ୍ର ଯେତିକି ପ୍ରଗତି ହେବା କଥା ତାହା ହୋଇପାରିନାହିଁ। ଏହି କ୍ରମରେ ବାଂଶପାଳ ବ୍ଲକର ମେଦିନୀପୁର ଗ୍ରାମର ଯେତିକି ବିକାଶ ହେବା କଥା ହୋଇପାରିନି। ଏପରିକି ବଣ ଜଙ୍ଗଲ ମଧ୍ୟରେ ଥିବା ମେଦିନୀପୁର ଗ୍ରାମର ପ୍ରାକ୍ ଶିକ୍ଷା ନିମନ୍ତେ କାର୍ଯ୍ୟକାରୀ ଅଙ୍ଗନବାଡି କେନ୍ଦ୍ରର ଅବସ୍ଥା ଦେଖିଲେ ଜଣାପଡିବ। ଗୋଟିଏ ଭଙ୍ଗାଦଦରା କେନ୍ଦ୍ରରେ ଚାଲିଛି କୋମଳମତି ଛାତ୍ରଛାତ୍ରୀଙ୍କ ପାଠପଢ଼ା। ଘରଟି ଅନେକ ଦିନରୁ ହୋଇଥିଲେ ମଧ୍ୟ ମରାମତି ଅଭାବରୁ ଦଦରା ହେଲାଣି। ଛୁଆମାନେ ଭିତରେ ପାଠ ପଢୁଥିବା ସମୟରେ ଉପରୁ ଛାତର ଅଂଶ ଗଳିପଡିବା ଭଳି ଅବସ୍ଥା ହେଲାଣି। ଜଙ୍ଗଲ ନିକଟରେ ଥିବା ଏହି ଆଗନବାଡ଼ି କେନ୍ଦ୍ରରେ ପାଚେରି ନାହିଁ କିମ୍ବା ସୁରକ୍ଷା ବାଡ଼ ମଧ୍ୟ ନାହିଁ। ମରାମତି ଅତି ଜରୁରି ହେଲାଣି. ଅଙ୍ଗନବାଡ଼ି କର୍ମୀ ଜଣଙ୍କ ବ୍ଲକ ପ୍ରଶାସନଙ୍କୁ ଅନେକବାର ଜଣାଇଲେ ମଧ୍ୟ କିଛି ସୁଫଳ ମିଳିନାହିଁ। ଘରଟି ଅଧିକ ଖରାପ ହେବା ପୂର୍ବରୁ ସ୍ଥାୟୀ ମରାମତି ଏବଂ ସୁରକ୍ଷା ପାଚେରି ନ କଲେ କେତେବେଳେ ଜଙ୍ଗଲୀ ଜୀବଜନ୍ତୁ ଆଗନବାଡ଼ି କେନ୍ଦ୍ରରେ ପଶିବା କଥାକୁ ଏଡ଼ାଇ ହେବନାହିଁ। ପ୍ରଶାସନ ଏଦିଗରେ ଧ୍ୟାନ ଦେବାକୁ ଦାବି ହେଉଛି।

# ଦୁଇ ପଞ୍ଚାୟତବାସୀଙ୍କ ଗଣଧାରଣା ଜାରି

**ବଡ଼ବିଲ,୨୭।୬(ସମିସ)**

କେନ୍ଦୁଝର ଜିଲ୍ଲା ଯୋଡ଼ା ଖଣି ମଣ୍ଡଳ ଭଦ୍ରାସାହି ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଟଣ୍ଡୋ ଗ୍ରାମରେ ଥିବା ନର୍ଭେରାମ ପାୱାର ଏଣ୍ଡ ଷ୍ଟିଲ୍ ପ୍ରାଇଭେଟ୍ ଲିମିଟେଡ୍ ଖଣି ସମ୍ମୁଖରେ ଭଦ୍ରାସାହି ଓ ସେରେଣ୍ଡା ପଞ୍ଚାୟତର ଶତାଧିକ ଗ୍ରାମବାସୀଙ୍କ ଗଣଧାରଣା ଆଜି ଦ୍ୱିତୀୟ ଦିନରେ ମଧ୍ୟ ଚାଲିଛି। ଖଣି ଆରମ୍ଭ ହେବା ପରଠୁ ନର୍ଭେରାମ ଖଣି କମ୍ପାନୀ ସବୁବେଳେ ସ୍ଥାନୀୟ ଲୋକଙ୍କୁ ଅଣଦେଖା କରି ସ୍ଥାନୀୟ ଲୋକଙ୍କ ଜମି ଉପରେ ହୋଇଥିବା ଏହି ଖଣି ସ୍ଥାନୀୟ ଲୋକଙ୍କୁ ରୋଜଗାର ଦେଉନଥିବାବେଳେ ବାହାର ଜିଲ୍ଲାର ଲୋକଙ୍କୁ ନିଯୁକ୍ତି ଦେବା ସହ ସ୍ଥାନୀୟ ଲୋକଙ୍କୁ କୌଣସି ପ୍ରକାର ସୁବିଧା ସୁଯୋଗ ଦେଉନଥିବା ଦେଖିବାକୁ ମିଳେ। ତେଣୁ ସ୍ଥାନୀୟ ଲୋକଙ୍କ କୌଣସି ପ୍ରକାର ସମସ୍ୟାର ସମାଧାନ କରୁନଥିବା କମ୍ପାନୀ ବିରୁଦ୍ଧରେ ସ୍ଥାନୀୟ ଅଞ୍ଚଳର ଶତାଧିକ ପୁରୁଷ, ମହିଳା, ଛୁଆ, ବୁଢା ବିଭିନ୍ନ ଦାବି ନେଇ କମ୍ପାନୀର ୨ଟି ଯାକ ଗେଟ୍ ସମ୍ମୁଖରେ ଗଣଧାରଣାରେ ବସିଥିବା ଜଣାପଡିଛି। ତେବେ ସେମାନଙ୍କର ପ୍ରମୁଖ ଦାବି ଗୁଡିକ ହେଲା ସ୍ଥାନୀୟ ବେକାର ଯୁବକଯୁବତୀମାନଙ୍କୁ ସ୍ଥାୟୀ ନିଯୁକ୍ତି ପ୍ରଦାନ, ସ୍ଥାନୀୟ ଲୋକଙ୍କୁ ଲୁହାପଥର ପରିବହନ କରିବାରେ ଅଗ୍ରାଧିକାର, ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମ ଓ ସ୍ଥାନୀୟ ଠିକା ଶ୍ରମିକମାନଙ୍କର ସ୍ଥାୟୀ ନିଯୁକ୍ତି ଏବଂ ସରକାରଙ୍କ ନିୟମ ମୁତାବକ ସୁବିଧା ପ୍ରଦାନ କରିବା ତେବେ ଖବର ଲେଖା ହେବା ପର୍ଯ୍ୟନ୍ତ ନର୍ଭେରାମ କମ୍ପାନୀର କୌଣସି କର୍ତ୍ତୃପକ୍ଷ ଧାରଣାରେ ବସିଥିବା ଲୋକଙ୍କ ପାଖରେ ପହଞ୍ଚି ନଥିବା ଜଣାପଡିଛି। ଏହି ଗଣଧାରଣାରେ ଦୁଇଟି ପଞ୍ଚାୟତର ପୂର୍ବତନ ସରପଞ୍ଚ କସ୍ତୁରୀ ଓରାମ, ଅର୍ଜୁନ ସାଣ୍ଡିଲ, ପୂର୍ବତନ ଜିଲ୍ଲା ପରିଷଦ ପୀତବାସ ମହାକୁଡ଼, ସମାଜସେବୀ ପୂର୍ଣ୍ଣଚନ୍ଦ୍ର ମହାକୁଡ, ଅଙ୍କିତା ଉପାଧ୍ୟାୟ, ବବୁଲୁ ଦତ୍ତ, ଗଣେଶ ଚନ୍ଦ୍ର ପଲେଇ, ଅରବିନ୍ଦ ମହାକୁଡ଼, ଭାଗିରଥୀ ବାରିକ, ନରୋତ୍ତମ ନାଏକ, ହୃଦାନନ୍ଦ ପଲେଇ, ଅର୍ଜୁନ ଦାସ, ସୁବାସିନୀ ମହାକୁଡ଼, ପ୍ରଫୁଲ ବାରିକ, ମୀନା ଓରାମ, ଶକୁନ୍ତଳା ପାତ୍ର, ଗୁରୁବାରି ନାଏକ, ରତ୍ନାପାତ୍ର, କୃଷ୍ଣଚନ୍ଦ୍ର ମହାକୁଡ଼, ପ୍ରଶ୍ନନ ପଲେଇ, ଶୁକ ମୁଣ୍ଡା, ମଦନ ମୁଣ୍ଡା, ସମେତ ଶତାଧିକ ପୁରୁଷ ଓ ମହିଳା ଧାରଣାରେ ବସିଥିବା ଦେଖିବାକୁ ମିଳିଥିଲା। ତେବେ ଖବର ଲେଖା ହେବା ପର୍ଯ୍ୟନ୍ତ କମ୍ପାନୀର କୌଣସି ଅଧିକାରୀ ଆନ୍ଦୋଳନରତ ଗ୍ରାମବାସୀଙ୍କ ସହ କିଛି ଆଲୋଚନା କରିନଥିବା ଜଣାପଡିଛି।



■ ଦୁବାଇରେ ଓଡ଼ିଆ ଯୁବକଙ୍କ ମୃତ୍ୟୁ

# ଗାଁ ମାଟିର ପହଞ୍ଚିଲା ସନାତନଙ୍କ ମୃତଦେହ

**ବାସୁଦେବପୁର, ୨୭।୬(ସମିସ):** ବାସୁଦେବପୁର ପୌରପାଳିକାର ସୁକଦେବପୁର ଗାଁର ଯୁବକ ସନାତନ ପରିଡ଼ାଙ୍କ ସୁଦୂର ଦୁବାଇରେ କାମ କରୁଥିବା ବେଳେ ଗତ ୧୨ ତାରିଖରେ ଅକାଳ ମୃତ୍ୟୁ ହୋଇଥିଲା। ସନାତନର ମୃତ୍ୟୁ ଖବର ପାଇଁ ପରିବାର ଦୁଖରେ ଭାଙ୍ଗି ପଡ଼ିଥିବା ବେଳେ ଏକମାତ୍ର ରୋଜଗାରିଆ ପୁଅକୁ ହରାଇ ବେସାହାରା ହୋଇ ପଡ଼ିଥିଲେ। ତେବେ ଶ୍ରମିକ ଭାବେ କାମ କରୁଥିବା ସନାତନର ମରଶରୀରକୁ ଓଡ଼ିଶା ଆଣିବାକୁ ଅଭାବି ପରିବାରର ଦୁର୍ବଳ ଆର୍ଥିକସ୍ଥିତି ପାଇଁ ଘରକୁ ଆଣିବା କାଠିକର ବ୍ୟାପାର ସାଜିଥିଲା। ସନାତନଙ୍କ ପରିବାର ମରଶରୀରକୁ ଗାଁ ମାଟିକୁ ଆଣିବା ପାଇଁ ଆକୁଳ ନିବେଦନ ପରେ ଭଦ୍ରକର ପୂର୍ବତନ ସାଂସଦ ମଞ୍ଜୁଲତା ମଣ୍ଡଳ ଓ ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳଙ୍କ ଖବର ପାଇ ପରିବାର ନିକଟରେ ପହଞ୍ଚି ସମବେଦନା ଜଣାଇବା ସହିତ ମରଶରୀରକୁ ଓଡ଼ିଶା ଆଣିବାକୁ ପ୍ରତିଶ୍ରୁତି ଦେଇଥିଲେ। ତେବେ ଆଜି ସୁକଦେବପୁର ଗାଁରେ ସନାତନଙ୍କ ମରଶରୀର ପହଞ୍ଚିବା ପରେ ଶୋକାକୁଳ ପରିସ୍ଥିତି ପ୍ରକାଶ ପାଇଥିଲା। ଆଜି ସ୍ଥାନୀୟ ଅଞ୍ଚଳର ପୂର୍ବତନ ସାଂସଦ ପ୍ରତିନିଧି ଶୁରେଶ ଚନ୍ଦ୍ର ମହାନ୍ତି, ଭାଗୀରଥି ନାୟକ, ଭାଗୀରଥି ବଳ ପ୍ରମୁଖଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ସନାତନଙ୍କୁ ଶେଷ ଦର୍ଶନ ସହିତ ତାଙ୍କର ଅମର ଆତ୍ମାର ସଦଗତି କାମନା କରିଛନ୍ତି। ସ୍ଥାନୀୟ ସୁକଦେବପୁର ଗ୍ରାମର ନାଥ ପରିଡ଼ାଙ୍କ ପୁଅ ସନାତନ(୪୪) କିଛିବର୍ଷ ଧରି ଅଧିକ ରୋଜଗାର ସନ୍ଧାନରେ କଟକର ଏକ କମ୍ପାନୀ ସହାୟତାରେ ଦୁବାଇକୁ ନିର୍ମାଣ ଶ୍ରମିକ ଭାବେ ଯାଇଥିଲା। ସେଠାରେ ରହି କାମ କରୁଥିବା ଅବସ୍ଥାରେ ହଠାତ ଜ୍ୱର ଆସିବା ସହିତ ଚିକିତ୍ସା ଅବହେଳାରୁ ମୃତ୍ୟୁ ହୋଇଥିବା ପରିବାର ସୂଚନାରୁ ଜଣା ପଡ଼ିଥିଲା।

# ସଦାବର୍ତ୍ତ ମଠରେ ବିଧାୟକଙ୍କୁ ସମ୍ବର୍ଦ୍ଧନା



**ଭଦ୍ରକ, ୨୭।୬(ସମିସ):** ଭଦ୍ରକ ପୁରୁଣାବଜାରସ୍ଥ ଐତିହ୍ୟ ମଣ୍ଡିତ ଶ୍ରୀଶ୍ରୀ ଗୋପାଳଜୀଉ ସଦାବର୍ତ୍ତ ମଠ ୧୯୮୫ ମସିହାଠାରୁ ଟ୍ରଷ୍ଟବୋର୍ଡ ଦ୍ୱାରା ପରିଚାଳିତ ହେଉଛି। ଦେବୋତ୍ତର ବିଭାଗ କମିଶନରଙ୍କ ଦ୍ୱାରା ଅନୁମୋଦିତ ଟ୍ରଷ୍ଟବୋର୍ଡରେ ସ୍ଥାନୀୟ ବିଧାୟକଙ୍କ ସମେତ ୧୫ଜଣ ସଦସ୍ୟ ଅଛନ୍ତି। ଅତିରିକ୍ତ ଜିଲ୍ଲାପାଳ ଶାନ୍ତନୁ କୁମାର ମହାନ୍ତି ବୋର୍ଡର ଟ୍ରଷ୍ଟି ଅଛନ୍ତି। ଭଦ୍ରକର ନବନିର୍ବାଚିତ ବିଧାୟକ ସୀତାଂଶୁ ଶେଖର ମହାପାତ୍ରଙ୍କୁ ଆଜି ଅପରାହ୍ଣ ୫ଟାରେ ମଠ ପରିସରରେ ନୂତନ ସଦସ୍ୟ ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା। ତହସିଲଦାର ପ୍ରିୟଦର୍ଶୀ ସଂଗ୍ରାମ କେଶରୀ ଖୁଣ୍ଟିଆ ସଦସ୍ୟ ଭାବେ ଯୋଗଦାନ କରିଥିଲେ। ସଦସ୍ୟ ସୁଧାକର ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସମାରୋହରେ ଅଧିବକ୍ତା ଜତିକାନ୍ତ ନାୟକ, ଦିବାକର ବାରିକ, ବିଦ୍ୟାଧର ସାହୁ, ପ୍ରଫୁଲ୍ଲ ସାହୁ, ବାଇଧର ସାହୁ, ଅକ୍ଷୟ ସାହୁ, ରବୀନ୍ଦ୍ର ସାହୁ, ପୂର୍ଣ୍ଣଚନ୍ଦ୍ର ସେନ୍, ଆୟୋଜକ ରତନ ଲାଲ ସାହୁ ଓ ମଠ ମ୍ୟାନେଜର ସୂର୍ଯ୍ୟମଣୀ ନାୟକ ଉପସ୍ଥିତ ଥିଲେ। ବିଧାୟକ ମଠରେ ପହଞ୍ଚି ଶ୍ରୀଶ୍ରୀ ଗୋପାଳଜୀଉଙ୍କ ନିକଟରେ ପୂଜାର୍ଚ୍ଚନା କରିବା ସହ ପାର୍ଶ୍ୱଦେବତାଙ୍କୁ ଦର୍ଶନ କରି ଆଶୀର୍ବାଦ ଭିକ୍ଷା କରିଥିଲେ। ଆନୁଷ୍ଠାନିକ ଭାବେ ବୈଠକ ଆରମ୍ଭ ହେବାପରେ ସଦସ୍ୟ ରତନ ଲାଲସାହୁ, ବିଦ୍ୟାଧର ସାହୁ ଓ ଜତିନ୍ଦ୍ର ନାୟକ ମଠର ସୁବିଧା ଅସୁବିଧା ବିଷୟରେ ଆଲୋକପାତ କରିଥିଲେ। ଉତ୍ତରବାହିନୀ ଠାରେ ହେବାକୁ ଥିବା ରଥଯାତ୍ରା ବିଷୟରେ ଆଲୋଚନା କରାଯାଇଥିଲା। ମଠର ଜବରଦଖଲ ଉଚ୍ଛେଦ ପାଇଁ ପଦକ୍ଷେପ ନେବାକୁ ପ୍ରସ୍ତାବ ଗ୍ରହଣ କରାଯାଇଥିଲା। ମଠର ଆୟ ତୁଳନାରେ ବ୍ୟୟ ଅଧିକ ବୋଲି ବିଧାୟକ ହୃଦ୍‌ବୋଧ କରିଥିଲେ। କଚେରୀଠାରେ ମାର୍କେଟ କମ୍ପ୍ଲେକ୍ସ, ମୋଟେଲ ଛକରେ କଲ୍ୟାଣ ମଣ୍ଡପ ନିର୍ମାଣ ପାଇଁ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ମଠର ଆୟବୃଦ୍ଧି ପାଇଁ ବିଧାୟକ ଗୁରୁତ୍ୱ ଦେଇଥିଲେ ଓ ମଠର ସର୍ବାଙ୍ଗୀନ ଉନ୍ନତି ପାଇଁ ତାଙ୍କ ଦ୍ୱାରା ସମ୍ଭବ ସହଯୋଗ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ସଦସ୍ୟ ଶଙ୍କର ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ବଣବିରାଡ଼ି କାମୁଡ଼ାରେ ୬ ଆହତ

**ବାସୁଦେବପୁର, ୨୭।୬(ସମିସ):** ବାସୁଦେବପୁର ଥାନା ବରଣ୍ଡୁଆ ପଞ୍ଚାୟତରେ ଜଙ୍ଗଲୀ ବିଲେଇ (ବଣ ବିରାଡ଼ି) ଆକ୍ରମଣରେ ୬ ଜଣ ଆହତ ହୋଇଥିବା ସୂଚନା ମିଳିଛି। ତେବେ ଗତ ମଙ୍ଗଳବାର ଉକ୍ତ ପଞ୍ଚାୟତର ବିଭିନ୍ନ ଗାଁରେ ଏହି ବିଲେଇ ଆତଙ୍କ ଖେଳାଇବା ସହିତ ଲୋକଙ୍କ ତାଟି କବାଟ ପଡ଼ି ଯାଇଥିବା ଖବର ସାମନାକୁ ଆସିଛି। ଏହି ଘଟଣାକୁ ନେଇ କୋକୁଆ ଭୟ ଦେଖା ଦେବା ସହିତ ଲୋକମାନେ ଉକ୍ତ ବିଲେଇକୁ ପିଟି ମାରି ଦେଇଥିବା ଶୁଣିବାକୁ ମିଳିଛି। ସ୍ଥାନୀୟ ଜଙ୍ଗଲ ବିଭାଗ କର୍ମଚାରୀମାନେ ଏହାକୁ ଏକ ଜଙ୍ଗଲି କ୍ୟାଟ୍ (ବଣ ବିରାଡ଼ି) ବୋଲି ନାମକରଣ କରିଥିବା ଜଣାପଡ଼ିଛି। ତେବେ ମଙ୍ଗଳବାର ସକାଳେ ପ୍ରଥମେ ଚନ୍ଦନପୁର ଗାଁରେ ପଶି କିଛି ଲୋକଙ୍କୁ କାମୁଡ଼ି ରକ୍ତାକ୍ତ କରିଥିଲା। ଲୋକମାନେ ଭୟଭୀତ ହୋଇ ଗୋଡ଼ାଇବା ପରେ ନିକଟସ୍ଥ ହରିପୁର ଗାଁରେ ସମପରି ଯା'ଆସ କରୁଥିବା ଲୋକଙ୍କୁ ହଠାତ ଆକ୍ରମଣ କରିଥିଲା। ଲୋକମାନେ ଆହତ ହୋଇ ବାସୁଦେବପୁର ଡାକ୍ତରଖାନା ସହିତ ବିଭିନ୍ନ ସ୍ଥାନକୁ ଯାଇ ଚିକିତ୍ସିତ ହୋଇଥିବା ଜାଣିବାକୁ ମିଳିଛି।

ଯାତାୟାତ ସମସ୍ୟାକୁ ନେଇ ଲୋକେ କ୍ଷୁବ୍ଧ

# କଚ୍ଛପ ଗତିରେ ଚାଲିଛି ଛତାବର-ନିଳୋକ ରାସ୍ତା କାର୍ଯ୍ୟ

**ବାରିକପୁର/ମଞ୍ଜୁରୀରୋଡ, ୨୭।୬(ସମିସ)**



ଭଣ୍ଡାରିପୋଖରୀ ବ୍ଲକ ଅଞ୍ଚଳର ବ୍ୟସ୍ତବହୁଳ ପଥ ଭାବେ ଛତାବର-ନିଳୋକ ପୂର୍ତ୍ତ ବିଭାଗ ରାସ୍ତା ବେଶ ଜଣାଶୁଣା। ଛତାବର ଠାରୁ ମଞ୍ଜୁରୀରୋଡ଼ ଯାଏଁ ରାସ୍ତାର ଦୈର୍ଘ୍ୟ ପ୍ରାୟ ୯କିମି ହୋଇଥିବା ବେଳେ ସେଠାରୁ ନିଳୋକ ଛକ ଯାଏଁ ରାସ୍ତାଟି ୭କିମି ଲମ୍ବିଛି। ରାତିପାହିଲେ ଏହି ରାସ୍ତା ଦେଇ ନାଆମୀ, ସାନଶାସନ, ରାଜେନ୍ଦ୍ରପୁର, ବନ୍ଧାଳୋ-ମଢ଼ିଆଳୀ, ଝୁଟୁଣା, ତେସିଙ୍ଗା, ନେରଡ଼ା ପ୍ରମୁଖ ପଞ୍ଚାୟତର ଶହ ଶହ ଲୋକ ଭଣ୍ଡାରିପୋଖରୀ ଆସିଥାନ୍ତି। ଏହାଛଡା ପଡୋଶୀ ବନ୍ତ ବ୍ଲକ ସମେତ କେନ୍ଦୁଝର ଜିଲ୍ଲାର ଅଧିକାଂଶ ଜନସାଧାରଣ ଏହି ପଥ ଅତିକ୍ରମ କରି ଯାଜପୁର ଓ ଭଦ୍ରକ ସହରକୁ ଯାଇଥାନ୍ତି। ଏହାଛଡା ନିକଟ ହେଉଥିବାରୁ ପଡ଼ୋଶୀ ଜିଲ୍ଲା ଲୋକେ ଛତାବର ସ୍ଥିତ ଜାତୀୟ ରାଜପଥକୁ ଆସି କଟକ ଭୁବନେଶ୍ୱର ମଧ ଯାଇଥାନ୍ତି। ସୁତରାଂ ରାସ୍ତାର ନବୀକରଣ କାର୍ଯ୍ୟ ଅନିବାର୍ଯ୍ୟ ହୋଇପଡ଼ିଥିବା ବେଳେ ଗ୍ରାମ୍ୟ ଉନ୍ନୟନ ବିଭାଗ ଏହାକୁ ପ୍ରଥମେ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ଅନ୍ତର୍ଭୁକ୍ତ କରିଥିଲା। କିଛିଦିନ ଲୋକେ ସୁରୁଖୁରୁରେ ଯାତାୟତ କରିଥିଲେ ସୁଦ୍ଧା ପରବର୍ତ୍ତୀ ସମୟରେ ରାସ୍ତା ଅବସ୍ଥା ଜରାଜୀର୍ଣ୍ଣ ହୋଇ ପଡ଼ିଥିଲା। ତେଣୁ ରାସ୍ତାକୁ ନୂଆରୂପ ଦେବା ପାଇଁ ଅଧିକ ଅର୍ଥର ଆବଶ୍ୟକତା ଥିବାରୁ ସରକାର ଏହାକୁ ଗ୍ରାମ୍ୟ ଉନ୍ନୟନ ବିଭାଗ ହାତରୁ ପୂର୍ତ୍ତ ବିଭାଗ ହାତକୁ ହସ୍ତାନ୍ତର କରିଥିଲେ। ପୂର୍ତ୍ତ ବିଭାଗ କିଛିଦିନ ତାଳି ପକା କାମ କରି ଠିକାଦାର ପୋଷଣ କରିଥିବା ବେଳେ ପରବର୍ତ୍ତୀ ସମୟରେ ରାସ୍ତା ନବୀକରଣ ପାଇଁ ଟେଣ୍ଡର ଆହ୍ୱାନ ହୋଇଥିଲା। ୧୬କିମି ରାସ୍ତା ପାଇଁ ପ୍ରାୟ ୨୫କୋଟି ଟଙ୍କା ବ୍ୟୟ ବରାଦ ହୋଇ ଟେଣ୍ଡର ଡକାଯାଇଥିବା ବେଳେ ଯାଜପୁର ଜିଲ୍ଲାର ଜନୈକ ଠିକାସଂସ୍ଥା ନିୟମ ଅନୁଯାୟୀ କାମ ପାଇଥିଲା। ଦୁଇ ଲାଇନ ବିଶିଷ୍ଟ ରାସ୍ତା ନିର୍ମାଣ ପାଇଁ ୨ବର୍ଷ ସମୟ ଧାର୍ଯ୍ୟ ହୋଇଥିଲେ ସୁଦ୍ଧା ଅଦ୍ୟାବଧି ୫୦ଭାଗ କାମ ସମ୍ପୂର୍ଣ୍ଣ ହୋଇନାହିଁ। କିଛି ଜାଗାରେ କେଇମିଟର ପିଚ୍ ଓ କଂକ୍ରିଟ ନିର୍ମାଣରେ କାମ ସୀମିତ ରହିଛି। ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଗୁଡିକରେ ଜଳ ନିଷ୍କାସନ ପାଇଁ ଏବେ ବି ସୁଦ୍ଧା କଲଭର୍ଟ ମାନ ନିର୍ମାଣ ହୋଇପାରିନାହିଁ। ଡଷ୍ଟ, ମେଣ୍ଟାଲ ଓ ବଜୁରୀ ବିଛାରେ ରାସ୍ତା କାମ ସରିଯାଇଥିବା ଭଳି ମନେ ହେଉଛି। ନବୀକରଣ ପାଇଁ ବିଭିନ୍ନ ଗ୍ରାମ୍ୟ ବଜାରର ଗରୀବ ବ୍ୟବସାୟୀ ମାନଙ୍କୁ ଉଚ୍ଛେଦ କରାଯାଇଥିବା ବେଳେ ଶହ ଶହ ବୃକ୍ଷ ମଧ କଟାଯାଇଥିଲା। ଲୋକଙ୍କ ଆଶା ଥିଲା ଯଥାଶୀଘ୍ର ରାସ୍ତା ନିର୍ମାଣ ହେଲେ ଯାତାୟାତ ଦୁଃଖ ଅପସରିଯିବ। ପରିତାପର ବିଷୟ ବିଭାଗୀୟ ଯନ୍ତ୍ରୀ ଓ ଠିକାସଂସ୍ଥାର ସମନ୍ୱୟ ଅଭାବରୁ ରାସ୍ତା କାର୍ଯ୍ୟ ଆଗେଇ ପାରୁନାହିଁ। ଏପରିକି ଜଣେ ଅବସରପ୍ରାପ୍ତ ଯନ୍ତ୍ରୀଙ୍କୁ ରାସ୍ତା କାର୍ଯ୍ୟ ତଦାରଖ ପାଇଁ ବିଭାଗର ଉଚ୍ଚ ପଦସ୍ଥ ଅଧିକାରୀ ନିର୍ଦ୍ଦେଶ ଦେଇଥିଲେ ସୁଦ୍ଧା ସେ ଏଥିରେ କିନ୍ତୁ ଫେଲ ମାରିଛନ୍ତି। ଫଳରେ ଲୋକେ ଯାତାୟତ ପାଇଁ ନାନାଦି ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କଚ୍ଛପ ଗତିରେ ଚାଲୁଥିବା ରାସ୍ତା କାମକୁ ନେଇ ଆଗାମୀ ଦିନରେ ଏକ ଜନ ଆନ୍ଦୋଳନ ମୁଣ୍ଡ ଟେକିବ ବୋଲି ଆଲୋଚନା ହେଉଛି। ଏବିଷୟରେ ଜାଣିବା ପାଇ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କ ମତାମତ ଲୋଡ଼ାଯାଇଥିଲେ ସୁଦ୍ଧା କୌଣସି ଉତର ମିଳି ପାରିନାହିଁ।

■ ପାଣିନାଳ ନିର୍ମାଣକୁ କେନ୍ଦ୍ର କରି ଉତ୍ତେଜନା

# କନିଷ୍ଠ ଯନ୍ତ୍ରୀଙ୍କ ନାମରେ ଥାନାରେ ଅଭିଯୋଗ

**ଭଦ୍ରକ/ଧାମନଗର/ଅସୁରାଳି, ୨୭।୬(ସମିସ):** ଭଦ୍ରକ ଜିଲ୍ଲା ଧାମନଗର ବ୍ଲକ ଅନ୍ତର୍ଗତ ଭଟସାହି ପଞ୍ଚାୟତ ଅଫିସ ନିକଟରେ ଥିବା ଗୋହିରି ନାଳରେ କଂକ୍ରିଟ ନିର୍ମାଣାଧୀନ ନାଳକୁ ବିରୋଧ କରିବାକୁ ନେଇ ଉତ୍ତେଜନା ଦେଖାଦେଇଛି।

ପ୍ରକାସ ଥାଉକି ବର୍ଷା ଦିନେ ବର୍ଷା ଓ ବନ୍ୟା ଜଳ ନିଷ୍କାସନ ପାଇଁ ଉକ୍ତ ଗୋହିରି ନାଳର ଆବଶ୍ୟକତା ରହିଛି। ତେବେ ସେଠାରେ ଉକ୍ତ ପଞ୍ଚାୟତର ସରପଞ୍ଚ ସୀତାକାନ୍ତ ମିଶ୍ର ଏମଜିଏନଆରଜିଏସ ଯୋଜନାରେ ସେଠାରେ କଂକ୍ରିଟ ନାଳ ଗ୍ରାମବାସୀଙ୍କ ସହଯୋଗ ଓ ସହମତିରେ ନିର୍ମାଣ କରୁଥିବା ବେଳେ କିଛି ବ୍ୟକ୍ତି ଉକ୍ତ କାର୍ଯ୍ୟକୁ ବିରୋଧ କରିବା ସହିତ ଅଣଓସାରିଆ ଡ୍ରେନେଜ ବଦଳରେ ଏକ ଚଉଡା ନାଳ କରିବାକୁ ଦାବି କରୁଛନ୍ତି। କିନ୍ତୁ ଏଥିପ୍ରତି ବିଭାଗୀୟ ଯେଇ ଗୁରୁତ୍ୱ ଦେଉ ନଥିବାରୁ ବିଭାଗୀୟ ଅଧିକାରିଙ୍କ ନିକଟରେ ଅଭିଯୋଗ କରି କାମ ବନ୍ଦ ପାଇଁ ଆବେଦନ କରିବା ସହିତ ସମ୍ପୃକ୍ତ କନିଷ୍ଠ ଯନ୍ତ୍ରୀଙ୍କ ନାମରେ ଅଧିବାସୀ ଧୂଷୁରୀ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ସୂଚନା ଥାଉକି ଆଗକୁ ବର୍ଷା ଦିନ ଥିବାରୁ ଉକ୍ତ ପାଣି ନାଳ ଦେଇ ବର୍ଷା ଓ ବନ୍ୟା ଜଳ ନିଷ୍କାସନ ହେବା ସମ୍ଭବପର ହେବନାହିଁ। ଫଳରେ ସେହି ବାଟ ଦେଇ ଦେଇ ସ୍କୁଲ ପିଲା, ମିଶନ ଶକ୍ତି ଓ ପଞ୍ଚାୟତ ଅଫିସ କୁ ଯାତାୟାତ ବହୁ ଅସୁବିଧା ହେବ। ଦ୍ୱିତୀୟରେ ଉକ୍ତ ନାଳଟି ଅଧା କାମ ହୋଇ ପଡ଼ି ଥିବା ରୁ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ଦେଖାଦେଇଛି। ତୁରନ୍ତ ପାଣି ନାଳ ନିର୍ମାଣ ପାଇଁ ସ୍ଥାନୀୟ ଅଞ୍ଚଳର ଜନସାଧାରଣ ମାନେ ଧାମନଗର ବିଡିଓଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ତେବେ ଏ ସମ୍ପର୍କରେ ବିଡିଓ ଏବଂ ଜେଇଙ୍କ ସହିତ ଯୋଗାଯୋଗ କରିବାରୁ ଘଟଣାର ତଦନ୍ତ କରି ଖୁବ ଶୀଘ୍ର ସମସ୍ୟାର ସମାଧାନ କରାଯିବ ବୋଲି ବିଡିଓ ବନବିହାରୀ ଦିନ୍ଦା, କନିଷ୍ଠ ଯନ୍ତ୍ରୀ ଦିଲ୍ଲୀପ ପଣ୍ଡା ସୂଚନା ଦେଇଛନ୍ତି।

# ଟାଟା ପାୱାର ନର୍ଥ ଓଡ଼ିଶା ତରଫରୁ ସ୍ୱଚ୍ଛତା କାର୍ଯ୍ୟକ୍ରମ



**ଅସୁରାଳି, ୨୭।୬(ସମିସ):** ଧାମନଗର ବ୍ଲକ ଅନ୍ତର୍ଗତ ନେତ୍ର ପୀଠ ବରୁଣାଇ ଠାରେ ଟାଟାପାୱାର ନର୍ଥ ଓଡ଼ିଶା ଇଲେକ୍ଟ୍ରିକାଲ ସବଡିଭିଜନ ଅସୁରାଳି ଏସଡିଓ ଧନେଶ୍ୱର ବେହେରାଙ୍କ ତତ୍ତ୍ୱାବଧାନରେ ସ୍ୱଚ୍ଛତା ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେଇ ଇବିଏସଇଡି (ଭଦ୍ରକ) ଇଂ.ମନସ୍ୱିନୀ ସାହୁ, ଟାଟା ପାୱାର କାର୍ଯ୍ୟକର୍ତ୍ତା (ଅସୁରାଳି) ଇଂ.ପ୍ରଦୀପ କୁମାର ଦାଶ, ଇଂ. ଗୌର ଗୋପାଳ ମହାନ୍ତି (ଅର୍ଣ୍ଣପାଳ), ଇଂ.ସାହିଲ ସିଂ (ବେତାଳି ଗାଁ), ଇଂ.ଚିନ୍ମୟ ବେହେରା, ଇଂ.କାମାକ୍ଷା ପ୍ରସାଦ ପଟ୍ଟନାୟକ, ଧାମନଗର ଇଲେକ୍ଟ୍ରିକାଲ ଉପଖଣ୍ଡ ଅଧିକାରୀ ଶିବ ପ୍ରସାଦ ଦାସ, ଆଡମିନ ପ୍ରିୟଙ୍କା ଗରବାଡୁ, ଡିଏମ ମନମୋହନ ସାମଲ ପ୍ରମୁଖ ଓ ଅସୁରାଳୀ ଉପଖଣ୍ଡର ସମସ୍ତ କାର୍ଯ୍ୟକର୍ତ୍ତା ଯୋଗ ଦେଇ ମନ୍ଦିରର ଚତୁର୍ପାଶ୍ୱର୍ ସଫା କରି ଅଳିଆ ହଟାଯାଇଥିଲା। ଏହି କାର୍ଯ୍ୟକୁ ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବୀ ପ୍ରଶଂସା କରିଛନ୍ତି।

## ଅବସର ପ୍ରାପ୍ତ ସୈନିକମାନଙ୍କର ସ୍ୱାସ୍ଥ୍ୟସେବା ନିମନ୍ତେ ସ୍ୱାସ୍ଥ୍ୟ ଶିବିର

**ଭଦ୍ରକ, ୨୭।୬(ସମିସ):** ପୂର୍ବତନ ସୈନିକମାନଙ୍କର ଏକ ସ୍ୱାସ୍ଥ୍ୟସେବା ଶିବିର ଭଦ୍ରକ ସ୍ଥିତ ବାଘୁରାଇଠାରେ ଅବସରପ୍ରାପ୍ତ ସୈନିକ ସଂଘ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସ୍ୱାସ୍ଥ୍ୟ ଶିବିରରେ ବାଲେଶ୍ୱର ସ୍ଥିତ ଚାନ୍ଦିପୁର ଷ୍ଟେସନ୍ ହେଡକ୍ୱାର୍ଟର୍ସ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରାଶାସନିକ କମାଣ୍ଡେଣ୍ଟ କର୍ଣ୍ଣେଲ ଦିଲ୍ଲୀପ ରାୟ ଏବଂ ଅଫିସର ଇନ୍‌ଚାର୍ଜ ଇସିଏଚ୍‌ଏସ୍ ବାଲେଶ୍ୱରରେ କର୍ଣ୍ଣେଲ ଦେବରାଜ ମଲ୍ଲିକ (ଅବସରପ୍ରାପ୍ତ)ଙ୍କ ଦ୍ୱାରା ସ୍ୱାସ୍ଥ୍ୟ ଶିବିର ପରିଚାଳିତ ହୋଇଥିଲା। ଏହି ସ୍ୱାସ୍ଥ୍ୟ ଶିବିର ଭଦ୍ରକ ଜିଲ୍ଲାପାଳଙ୍କ ଅନୁମୋଦନ କ୍ରମେ ତଥା ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀଙ୍କ ତତ୍ତ୍ୱାବଧାନରେ ଶଲ୍ୟବିଭାଗ, ମେଡିସିନ୍ ଓ ଚକ୍ଷୁ ବିଭାଗର ଡାକ୍ତରମାନେ ଓପିଡି ସ୍ଥାପିତ କରିଥିଲେ। ଏହା ବ୍ୟତୀତ ଭୁବନେଶ୍ୱରରୁ ଏଏସ୍‌ଜି ଆଇ ହସ୍‌ପିଟାଲରୁ ସେଣ୍ଟର ଫର ସାଇଟ ଆଇକ୍ୟାମ୍ ଟିମ୍ ଉକ୍ତ ସ୍ୱାସ୍ଥ୍ୟ ଶିବିରରେ ଉପସ୍ଥିତ ଥିଲେ। ୨୫୦ରୁ ଅଧିକ ଅବସରପ୍ରାପ୍ତ ସେନା କର୍ମଚାରୀ ଏବଂ ପରିବାର ବର୍ଷ ସ୍ୱାସ୍ଥ୍ୟ ନିଃଶୁଳ୍କ ଔଷଧ ପ୍ରାପ୍ତ କରିଥିଲେ। ଏହା ବ୍ୟତୀତ ସେନାରେ ନୂତନ ନିଯୁକ୍ତ ପାଇଁ ଯୁବକ, ଯୁବତୀ ଆର୍ମଡ ଫେର୍ସସ୍‌ଆୱାର୍ଡ ନେଇ କ୍ୟାମ୍ପରେ ପଥ ପ୍ରଦର୍ଶକର ସୁଯୋଗ ପାଇଥିଲେ। ସେମାନଙ୍କର ସଂଖ୍ୟା ପ୍ରାୟ ୬୦ରୁ ଊର୍ଦ୍ଧ୍ୱ ହେବ। ଉକ୍ତ ସ୍ୱାସ୍ଥ୍ୟ ଶିବିରକୁ ସଂଘର ସଭାପତି ଭେଟେରାନ୍ ରୋହିତ କୁମାର ରାୟ ଏବଂ ସମ୍ପାଦକ ଭେଟେରାନ୍ ଅଶୋକ କୁମାର ପାତ୍ର, ଉପଦେଷ୍ଟା ଭେଟେରାନ୍ ମହେଶ୍ୱର ଦିକ୍ଷିତ, ନାରାୟଣ ଚନ୍ଦ୍ର ଦାସ, ପ୍ରଦୀପ କୁମାର ସ୍ୱାଇଁ ଏବଂ ଶୁଭେନ୍ଦୁ କୁମାର ମିଶ୍ର ସୂତାର ରୂପେ ପରିଚାଳନା କରିଥିଲେ।

## ଖଗେଶ୍ୱର ମିଶ୍ରଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକ ଉତ୍ସବ

**ଧାମନଗର, ୨୭।୬(ସମିସ):** ଧାମନଗର ଏନ୍‌ଏସି ଅନ୍ତର୍ଗତ ଶ୍ୟାମପୁର ଜଗତି ଗ୍ରାମର ସମାଜସେବୀ ଖଗେଶ୍ୱର ମିଶ୍ରଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ଶରତ ଚନ୍ଦ୍ର ମହାନ୍ତି, ନଗର ବିଜେପି ସଭାପତି କୈଳାସ ଚନ୍ଦ୍ର ମହାପାତ୍ର, ବିଜେଡି ନେତା ସେକ ଜାଫର ଅଲ୍ଲୀ, କୁମାରେଶ ଖିଲାର, ସମାଜସେବୀ ସୁନିଲ କୁମାର ପଣ୍ଡା, ମନ୍ମଥ କୁମାର ରାଉତ, କୁତୁବୁଲ ଓରା, ଖାଇରୁଲ ଓରା, ସତ୍ୟସୁନ୍ଦର ରାଉତ, ଧର୍ମେନ୍ଦ୍ର ଦାସ, ନଗର ମହିଳା ନାରୀ ନେତ୍ରୀ ପୁଷ୍ପାଞ୍ଜଳି ବେହେରାଙ୍କ ସମେତ ବହୁ ଶିକ୍ଷକ ଶିକ୍ଷୟିତ୍ରୀ ଆଇନଜୀବୀ, ବୁଦ୍ଧିଜୀବୀ, ଗ୍ରାମବାସୀ, ମାନ୍ୟଗଣ୍ୟ ବ୍ୟକ୍ତି ପ୍ରମୁଖ ଯୋଗ ଦେଇଥିଲେ। ଏଥିରେ ପୁତ୍ର ସପନ ମିଶ୍ର, ଅରୁଣ ମିଶ୍ର, ତରୁଣ ମିଶ୍ର, ଝିଅ ରଶ୍ମିପ୍ରଭା ପଣ୍ଡା, ଜ୍ୱାଇଁ ସୁଧାଂଶୁଶେଖର ପଣ୍ଡା ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ଉଠାଜଳସେଚନ ପ୍ରକଳ୍ପ ପାଇଁ କମୁଛି ଭୂତଳ ଜଳସ୍ତର





**ବାରିକପୁର, ୨୭।୬(ସମିସ)**

ଭଣ୍ଡାରିପୋଖରୀ ବ୍ଲକ ଅଞ୍ଚଳରେ ବ୍ୟାପକ ଭାବେ ଉଠା ଜଳସେଚନ ପ୍ରକଳ୍ପ ମାନ ନିର୍ମାଣ ହେଉଥିବାରୁ ଭୂତଳ ଜଳସ୍ତର ଧୀରେଧୀରେ କମିଯାଉଥିବା ଦେଖାଯାଉଛି। ଫଳରେ ପାନୀୟ ଜଳ ସଙ୍କଟ ଦେଖାଦେଉଥିବା ବିଭିନ୍ନ ଗ୍ରାମର ଲୋକେ ଅଭିଯୋଗ କରିଛନ୍ତି। ସୂଚନା ଅନୁଯାୟୀ ଭଣ୍ଡାରିପୋଖରୀ ବ୍ଲକ ଅଧୀନ ଚାଷ ଜମି ଗୁଡ଼ିକୁ କେନାଲ ବ୍ୟବସ୍ଥା ରହିଥିଲେ ସୁଦ୍ଧା ସମସ୍ତ ସ୍ଥାନକୁ ପାଣି ପହଞ୍ଚିବା ସମ୍ଭବ ହୋଇନଥାଏ। ବିଶେଷ କରି କେନାଲ ଶେଷ ମୁଣ୍ଡରେ ପାଣି ପହଞ୍ଚି ନଥିବା ବେଳେ ନିଅଣ୍ଟିଆ ବର୍ଷା ମଧ ଚାଷୀଙ୍କ ମୁଣ୍ଡ ବ୍ୟଥାର କାରଣ ପାଲଟିଥାଏ। ଖରିଫ ଚାଷକୁ ଛାଡିଦେଲେ ରବି ଋତୁରେ ସହଳ କିସମ ଧାନ ଚାଷ ପାଇଁ ପ୍ରଚୁର ପାଣିର ଆବଶ୍ୟକତା ରହିଥାଏ। ଯାହାକି ଜଳସମ୍ପଦ ବିଭାଗ ଯୋଗାଇ ଦେବାକୁ ଅସମର୍ଥ ପ୍ରକାଶ କରିଥାଏ। ତେଣୁ ବିକଳ୍ପ ଜଳସେଚନ ବ୍ୟବସ୍ଥା ଭାବେ ବିଭିନ୍ନ ଅଞ୍ଚଳର ଚାଷୀ ମାନେ ଉଠାଜଳସେଚନ ପ୍ରକଳ୍ପକୁ ଆଦରି ନେଇଥାନ୍ତି। ବିଶେଷ କରି ବ୍ଲକର ଛତାବର, ଭାଗଡ଼ା, ଡାହାଳା, ନେଉଳିଆ, ଫତେପୁର, ପୁରୀପଡ଼ା, ତେରେଣ୍ଡିଆ, ହାଟଡିହି ପ୍ରମୁଖ ସ୍ଥାନ ମାନଙ୍କରେ ସହଳ କିସମ ରବି ଧାନଚାଷ ହୋଇଥାଏ। ତେଣୁ ଏଠାରେ ଉଠାଜଳସେଚନ ନିଗମ ପକ୍ଷରୁ ସାଲୋ ପଏଣ୍ଟ ମାନ ନିର୍ମାଣ ହୋଇଥିବା ବେଳେ ଏହାଦ୍ୱାରା ଚାଷୀ ମାନେ ବେଶ ଉପକୃତ ହୋଇଥାନ୍ତି। ସବୁଠାରୁ ଆଶ୍ଚର୍ଯ୍ୟର କଥା ହେଲା ସାଲୋ ପଏଣ୍ଟ ଗୁଡିକ ୨୦୦ରୁ ୩୦୦ମିଟର ଯାଏଁ ଖୋଳାଯାଉଥିବା ବେଳେ ସଂଲଗ୍ନ ଗ୍ରାମର ବିଭିନ୍ନ ନଳକୂପ ଗୁଡିକ ୯୦ରୁ ୧୦୦ମିଟର ଯାଏଁ ଖନନ ହେଉଛି। ବିଶେଷ କରି ଖରା ଦିନେ ଚାଷ ଜମି ଗୁଡ଼ିକୁ ପାଣି ମଡାଇବା ପାଇଁ ପ୍ରାୟତଃ ସାଲୋ ପଏଂଟ ଗୁଡିକ ଚାଲୁଥିବା ବେଳେ ଭୂତଳ ଜଳସ୍ତର ଧୀରେଧୀରେ କମୁଥିବା ଦେଖାଯାଉଛି। ଫଳରେ ଛୋଟ ଛୋଟ ନଳକୂପ ଗୁଡ଼ିକରୁ ପାଣି ଆସିବା କଷ୍ଟକର ହୋଇପଡୁଛି। ଜଳସ୍ତର କମିବା ଯୋଗୁ କେତେକ ସ୍ଥାନରେ ନଳକୂପ ଗୁଡିକ ଅଚଳ ଅବସ୍ଥାରେ ପଡ଼ି ରହୁଛି। ଯେଉଁଥିପାଇଁ ପାନୀୟଜଳ ସଙ୍କଟ ଦେଖାଦେଇଥିବା ବେଳେ ଲୋକମାନେ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଆଗାମୀ ଦିନରେ ଏଭଳି ସମସ୍ୟା ବଢ଼ିପାରେ ବୋଲି ଅନୁମାନ କରାଯାଉଛି। ତେଣୁ ଏହା ଉପରେ ପ୍ରଶାସନିକ ସ୍ତରରେ ସ୍ୱତନ୍ତ୍ର ଭାବେ ଦୃଷ୍ଟି ଦେବାକୁ ଦାବି ହୋଇଛି।

# ରସାୟନ ବିଜ୍ଞାନ ଅଧ୍ୟାପକ ପ୍ରଶାନ୍ତ ନାୟକଙ୍କ ବିୟୋଗ

**ଭଦ୍ରକ, ୨୭।୬(ସମିସ):** ଭଦ୍ରକ ଜିଲ୍ଲା ତିହିଡି ମହାବିଦ୍ୟାଳୟର ରସାୟନ ବିଜ୍ଞାନ (କେମେଷ୍ଟ୍ରି) ବିଭାଗର ଲୋକପ୍ରିୟ ଅଧ୍ୟାପକ ତଥା ଭଦ୍ରକ ନୂଆବଜାର ବାସିନ୍ଦା ପ୍ରଶାନ୍ତ କୁମାର ନାୟକ(ମୁନା)ଙ୍କ ଗତକାଲି ରାତିରେ ପରଲୋକ ଘଟିଛି। ମୃତ୍ୟୁବେଳକୁ ତାଙ୍କୁ ୫୫ବର୍ଷ ବୟସ ହୋଇଥିବା ବେଳେ ସେ ଗତ କିଛି ଦିନ ହେବ ଅସୁସ୍ଥ ହୋଇ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଥିଲେ। ତାଙ୍କ ବିୟୋଗରେ ବହୁ ଛାତ୍ରଛାତ୍ରୀ ତଥା ବିଭିନ୍ନ ମହଲରେ ଶୋକ ପ୍ରକାଶ ପାଇଛି। ଜଣେ ଦକ୍ଷ, ଛାତ୍ରବତ୍ସଳ ରସାୟନ ବିଜ୍ଞାନ ଅଧ୍ୟାପକ ଭାବେ ପରିଚିତ ସ୍ୱର୍ଗତ ନାୟକ ଜଣେ କ୍ରୀଡାପ୍ରେମୀ। ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତାରେ ଭାଷ୍ୟକାର ଭାବେ ତାଙ୍କର ଯଥେଷ୍ଟ ସୁନାମ ରହିଛି। ସେ ଅବସରପ୍ରାପ୍ତ ସେଲଟେକ୍ସ ଇନ୍ସପେକ୍ଟର ଶିବଚରଣ ନାୟକ ଓ ପାର୍ବତୀ ନାୟକଙ୍କ ବଡପୁଅ। ତାଙ୍କ ମୃତ୍ୟୁଶଯ୍ୟା ନିକଟରେ ତାଙ୍କ ପତ୍ନୀ ସ୍ମିତାଶୁଭଦର୍ଶିନୀ ନାୟକ, କନ୍ୟା ସୋମୁନ ଓ ରିମୁନ, ଭାଇ ସୁଶାନ୍ତ, ରତିକାନ୍ତ, ବସନ୍ତ, ଲାଲା ଲଳିତ, ସୁବ୍ରତଙ୍କ ସମେତ ପୁରା ପରିବାର ଉପସ୍ଥିତ ଥିଲେ। ଖବର ପାଇ ୧୧ନମ୍ବର ୱାର୍ଡ କାଉନସିଲରଙ୍କ ପ୍ରତିନିଧି ସୂର୍ଯ୍ୟକୁମାର ଦାସ, ଆଇନଜୀବୀ ଅରୁଣ ମହାନ୍ତି, ସନ୍ଦିପ ମହାନ୍ତି, ଅଧ୍ୟାପକ



ଜୀତେନ୍ଦ୍ର କୁମାର ରାୟ ମହାପାତ୍ର, ଅଧ୍ୟାପକ ସୁକାନ୍ତ ଦାସ, ଅଧ୍ୟାପକ ଶ୍ରୀରାମ ମିଶ୍ର, ମୁନା ଦାସ ଓ ପ୍ରିୟରଞ୍ଜନ ଜେନା ପ୍ରମୁଖ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ଶେଷ ଦର୍ଶନ କରିଥିଲେ। ତାଙ୍କ ମରଶରୀରକୁ ଭଦ୍ରକ ଅଣାଯାଇ ପରେ ଆଜି ପୁରୀ ସ୍ୱର୍ଗଦ୍ୱାର ଠାରେ ଶେଷକୃତ ସମ୍ପନ୍ନ କରାଯାଇଛି। ତାଙ୍କ ପୁତୁରା ପିୟୁଷ ମୁଖାଗ୍ନି ଦେଇଥିଲେ।

ଡାକ୍ତର ଅଛନ୍ତି; ଡାକ୍ତରଖାନା ବି ଅଛି

# ବର୍ଷକୁ ୭ ହଜାର ରୋଗୀ କଟକ ସ୍ଥାନାନ୍ତରିତ

ଭଦ୍ରକ,୨୭ ।୬(ସମିସ)

ଭଦ୍ରକ ଜିଲ୍ଲାରୁ ବାର୍ଷିକ ୭ ହଜାରରୁ ଊର୍ଦ୍ଧ୍ୱ ରୋଗୀ କଟକ ବଡ ମେଡିକାଲକୁ ସ୍ଥାନାନ୍ତର ହେଉଛନ୍ତି। ଦୁର୍ଘଟଣା ଗ୍ରସ୍ତ ରୋଗୀ ହୁଅନ୍ତୁ କି ଜଟିଳ ରୋଗରେ ପୀଡ଼ିତ ରୋଗୀ ହୁଅନ୍ତୁ, ସେମାନଙ୍କୁ ଦେଖୁ ଦେଖୁ କଟକ ରେଫର ବା ସ୍ଥାନାନ୍ତର କରି ଦିଆଯାଉଛି । ସରକାର ଜିଲ୍ଲାରେ ସ୍ୱାସ୍ଥ୍ୟ ଭିତ୍ତିଭୂମିର ବିକାଶ ପାଇଁ ଶହ ଶହ କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। କୋଠାବାଡି ନିର୍ମାଣ ଠାରୁ ଆରମ୍ଭ କରି ଅତ୍ୟାଧୁନିକ ଯନ୍ତ୍ରପାତି, ଏକାଧିକ ବିଶେଷଜ୍ଞ ଡାକ୍ତର, ଫାର୍ମାସିଷ୍ଟ ଏବଂ ଟେକ୍ନିସିଆନ ନିଯୁକ୍ତିରେ ଏହି ଅର୍ଥ ବିନିଯୋଗ ହେଉଛି । ପୀଡ଼ିତଙ୍କୁ ମାଗଣା ସେବା ସହିତ ମାଗଣା ଔଷଧ ଯୋଗାଇ ଦେଉଛନ୍ତି। ହେଲେ ଠିକଣା ବେଳକୁ ରୋଗୀଙ୍କୁ ତୁରନ୍ତ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତର କରିବାକୁ ବୁଦ୍ଧିଜୀବୀ ମହଲ ସମାଲୋଚନା କରିଛନ୍ତି। ନେବାକୁ ସମର୍ଥ ଥିବା ଲୋକେ ଟଙ୍କା ଖର୍ଚ୍ଚ କରି ରୋଗୀଙ୍କୁ କଟକ ନେଉଛନ୍ତି, କିନ୍ତୁ ଅସମର୍ଥ ଲୋକେ ଭାଗ୍ୟକୁ ଆଦରି ଡାକ୍ତରଖାନା ବାରଣ୍ଡା ରେ ପଡି ରହିବାକୁ ବାଧ ହେଉଛନ୍ତି। ଭଦ୍ରକ ଜିଲ୍ଲାରେ କେବଳ ଯେ ରେଫେରଲ ସଂଖ୍ୟା ଦ୍ରୁତ ବୃଦ୍ଧି ପାଉଛି ତା' ନୁହେଁ ବରଂ ଡାକ୍ତରଖାନା ମୃତ୍ୟୁ ସଂଖ୍ୟା ମଧ୍ୟ ହ୍ରାସ ପାଉନାହିଁ।

ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ସୂଚନାନୁଯାୟୀ, ଗତ ୨୦୨୩ ମସିହାରେ ଜିଲ୍ଲାରେ ରେଫେରାଲ ସଂଖ୍ୟା ୫ ହଜାର ୨୨୯ ରହିଥିବା ବେଳେ ଗତ ୨୦୨୪ ମାର୍ଚ୍ଚ ୩୧ ତାରିଖ ସୁଦ୍ଧା ଜିଲ୍ଲାରେ ରେଫେରାଲ ସଂଖ୍ୟା ୭ ହଜାର ୧୬୫କୁ ବୃଦ୍ଧି ପାଇଛି। ସେହିଭଳି ଗତବର୍ଷ ଜିଲ୍ଲାରେ ହସପିଟାଲ ଡେଥ ସଂଖ୍ୟା ୫୬୪ ରହିଥିବା ବେଳେ ଏବର୍ଷ ଏହି ସଂଖ୍ୟା ୫୫୩ ରହିଛି। ଏହି ସୂଚନା ଅନୁଯାଇ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଦିନକୁ ପାଖାପାଖି ୨୦ଜଣ ରୋଗୀ କଟକ ସ୍ଥାନାନ୍ତର ହେଉଥିବା ବେଳେ ୨ ଜଣଙ୍କ ମୃତ୍ୟୁ ଘଟୁଛି । ତେବେ ଏଠାରେ ପ୍ରଶ୍ନ ଉଠୁଛି ପୂର୍ବ ତୁଳନାରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ରେ ସ୍ୱାସ୍ଥ୍ୟଭିତିଭୂମି ର ଦ୍ରୁତ ବିକାଶ ଘଟିଛି। ନିଦାନର ସଠିକ କାରଣ ନିରୂପଣ କରିବା ସକାଶେ ନିଜସ୍ୱ ପୁଞ୍ଜିରେ ହେଉ କିମ୍ବା ପିପି ମୋଡ଼ରେ ହେଉ ଅଲଟ୍ରାସାଉଣ୍ଡ, ସିଟିସ୍କାନ, କ୍ୟାନସର ୱାର୍ଡ, ଇସିଜି, ଏକ୍ସରେ, ଥାଇରଡ଼, ଡାଇଲସିସ୍ ଭଳି ବ୍ୟୟ ବହୁଳ ପରୀକ୍ଷା ସହିତ ଅତ୍ୟାଧୁନିକ ପ୍ରଣାଳୀ ରେ ରକ୍ତ ମଳ ମୂତ୍ର ପରୀକ୍ଷା ହେଉଛି । ସରକାର ନିରାମୟ ଜରିଆରେ ମାଗଣା ଔଷଧ ଓ ସାଲାଇନ ଯୋଗାଇ ଦେଉଛନ୍ତି। ହେଲେ ଏହା ସତ୍ତ୍ୱେ ମଧ୍ୟ ଡାକ୍ତରଖାନାରେ ରେଫେରାଲ ସଂଖ୍ୟା ହ୍ରାସ ପାଉନାହିଁ। ଚିକିତ୍ସାଗତ ଦୁର୍ବଳତା ଯୋଗୁ ହେଉ କିମ୍ବା ସ୍ୱାସ୍ଥ୍ୟ ଭିତ୍ତିଭୂମିର ଅଭାବ ଯୋଗୁ ହେଉ ଡାକ୍ତରଖାନା ଆସୁ



ଆସୁ ରୋଗୀଙ୍କୁ କଟକ ବଡ ମେଡିକାଲକୁ ରେଫେର କରିଦିଆ ଯାଉଛି। ଡାକ୍ତରଖାନା ଆସୁଥିବା ଗୁରୁତର ରୋଗୀଙ୍କୁ କଟକ ପଠାଇ ଦିଆଯିବାରେ କିଛି ଆପତ୍ତି ନାହିଁ। ହେଲେ ଏଠାରେ ଚିକିତ୍ସିତ ହୋଇ ଆରୋଗ୍ୟ ହୋଇପାରିବାର ସମ୍ଭାବନା ଥିବା ଲୋକଙ୍କୁ ଭୟଭୀତ ହୋଇ କଟକ ପଠାଇ ଦିଆଯିବାର ଯଥାର୍ଥତା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହାଫଳରେ ତୁରନ୍ତ ଚିକିତ୍ସା ଆବଶ୍ୟକ କରୁଥିବା ଗୁରୁତର ରୋଗୀ ଟିଏ ସମୟ ଉପଯୋଗୀ ସେବା ନପାଇ ଅକାଳ ରେ ମୃତ୍ୟୁ ବରଣ କରୁଛି। ବ୍ୟସ୍ତ ବହୁଳ ୧୬ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱରେ ଅବସ୍ଥିତି ଯୋଗୁ ଭଦ୍ରକ ଡାକ୍ତରଖାନାରେ ସଡ଼କ ଦୁର୍ଘଟଣା ପୀଡିତ ରୋଗୀଙ୍କ ସଂଖ୍ୟା ସର୍ବଦା ଅଧିକ ରହି ଆସୁଛି। ତା' ଛଡ଼ା ଦିନକୁ ଦିନ ହୃଦ୍‌ରୋଗ, କିଡ୍‌ନୀ ଜନିତ ଓ କର୍କଟ ଭଳି ଜଟିଳ ରୋଗରେ ପୀଡିତ ରୋଗୀଙ୍କ ସଂଖ୍ୟା ଦ୍ରୁତ ବୃଦ୍ଧି ପାଉଛି। ତେବେ ସରକାରୀ ଡାକ୍ତରଖାନାରେ ଲୋକଙ୍କୁ ସେବା ଯୋଗାଇ ଦେବାର ସମସ୍ତ ବ୍ୟବସ୍ଥା ଥାଇ ମଧ୍ୟ ବିପଦ ମୁଣ୍ଡାଇ ବାକୁ ଅଧିକାଂଶ ଚିକିତ୍ସକ ଓ ସ୍ୱାସ୍ଥ୍ୟ କର୍ମଚାରୀ ଅରାଜି ହେଉଥିବା ପରିଲକ୍ଷିତ ହେଉଛି। ଫଳରେ ସାଧାରଣ ଲୋକଙ୍କୁ ସରକାରୀ ଡାକ୍ତରଖାନାରେ ଘରୋଇ ନର୍ସିଂହୋମ ଭଳି ଉନ୍ନତ ଚିକିତ୍ସା ସେବା ଯୋଗାଇ ଦେବାର ଅଭିଯାନ ବିଫଳ ସାବ୍ୟସ୍ତ ହୋଇଛି। ଅନ୍ୟପକ୍ଷରେ ଏବେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଅଧିକାଂଶ ଗୁରୁତର ବିଭାଗରେ ୪ରୁ ୫ଜଣ ବିଶେଷଜ୍ଞ ଡାକ୍ତର ଓ ସ୍ୱାସ୍ଥ୍ୟ କର୍ମଚାରୀମାନେ ନିଯୁକ୍ତି ପାଇଛନ୍ତି। ତେବେ ସରକାରୀ ଡାକ୍ତରଖାନାରେ ଜଟିଳ ଏବଂ ଗୁରୁତର ଅସୁସ୍ଥ ଲୋକଙ୍କୁ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବା ପାଇଁ ସବୁ ପ୍ରକାର ଭିତିଭୂମି ଥାଇ କେଉଁ ପରିସ୍ଥିତି ରେ ଅଧିକାଂଶ ରୋଗୀଙ୍କୁ କଟକ ରେଫର କରାଯାଉଛି ତାହାର ନିୟମିତ ତର୍ଜମା ହେବା ଆବଶ୍ୟକ ବୋଲି ଆଇନଜୀବୀ ଦେବାଶିଷ ନାୟକ ଦାବି କରିଛନ୍ତି। କେବଳ ସ୍ୱାସ୍ଥ୍ୟ ବିଭାଗର ବରିଷ୍ଠ ଅଧିକାରୀ ନୁହଁନ୍ତି ଜନ ପ୍ରତିନିଧି ମାନେ ମଧ୍ୟ ଏ ଦିଗରେ ଯଥେଷ୍ଟ ଯତ୍ନବାନ ହେବା ଜରୁରୀ ବୋଲି ସେ କହିଛନ୍ତି।

● ଆଗରପଡ଼ାକୁ ଏନ୍‌ଏସି ମାନ୍ୟତା ପ୍ରସଙ୍ଗ

# ଆଶା ଓ ଆଶଙ୍କାରେ ଅଞ୍ଚଳବାସୀ

**ବନ୍ତ/ଆଗରପଡ଼ା,୨୭।୬(ସମିସ):** ନୂତନ ସରକାର ଗଠନ ହେବା ପରେ ଆଗରପଡ଼ାକୁ ଏନ୍‌ଏସି ମାନ୍ୟତା ପ୍ରସଙ୍ଗକୁ ନେଇ ଆଶା ଓ ଆଶଙ୍କାରେ ବର୍ତ୍ତମାନ ଅଞ୍ଚଳବାସୀ। ନାଲି ଫିତା ତଳେ ସେମାନଙ୍କ ବହୁ ପ୍ରତିକ୍ଷୀତ ଆଶା ରହିଯିବା ନେଇ ସେମାନେ ଆଶଙ୍କା ପ୍ରକାଶ କରିଛନ୍ତି। ଗତ ଫେବୃଆରୀ ୨୪ ତାରିଖରେ ରାଜ୍ୟ ସରକାରଭଦ୍ରକଜିଲ୍ଲାବନ୍ତବ୍ଲକରଆଗରପଡ଼ାକୁବିଜ୍ଞାପିତଅଞ୍ଚଳପରିଷଦ(ଏନ୍‌ଏସି) ମାନ୍ୟତା ପ୍ରଦାନ କରିଥିଲେ। ପରେ ଆଗରପଡ଼ାରେ ନୂତନ ଏନ୍‌ଏସି ଗଠନ ନିମନ୍ତେ ଜିଲ୍ଲା ସହରାଞ୍ଚଳ ଉନ୍ନୟନ ଅଧିକାରୀ କାର୍ଯ୍ୟାଳୟ ଚିଠି ନଂ ୯୦୪/୨୨-୦୩-୨୦୨୪ରେ ବ୍ଲକ ଉନ୍ନୟନ ଅଧିକାରୀ ବନ୍ତଙ୍କୁ ପ୍ରସ୍ତାବ ପଠାଇଥିବା ଜଣାପଡ଼ିଥିଲା।

ସୂଚନା ଅନୁଯାୟୀ, ରାଜ୍ୟ ସରକାରଙ୍କ ଗୃହ ଏବଂ ନଗର ଉନ୍ନୟନ ବିଭାଗ ପକ୍ଷରୁ ରାଜ୍ୟର ଦେବଗଡ଼, ଗଜପତି, ଝାରସୁଗୁଡ଼ା, କେନ୍ଦ୍ରାପଡ଼ା, କେନ୍ଦୁଝର, ମାଲକାନଗିରି ଏବଂ ନବରଙ୍ଗପୁର ଜିଲ୍ଲା ବ୍ୟତିତ ଅନ୍ୟ ସମସ୍ତ ଜିଲ୍ଲାର ଜିଲ୍ଲାପାଳଙ୍କୁ ସରକାରଙ୍କ ନିୟମାନୁସାରେ ଏନ୍‌ଏସି ଗଠନ ନିମନ୍ତେ ଆବଶ୍ୟକ ତଥ୍ୟକୁ ବିଭାଗକୁ ଯଥାଶିଘ୍ର ପଠାଇବାକୁ ଅନୁରୋଧ କରିଥିଲେ। ନିର୍ଦ୍ଦେଶାନୁସାରେ ବନ୍ତ ବିଡିଓଙ୍କୁ ଉକ୍ତ ପତ୍ରକୁ ଜରୁରୀ ମନେକରି ଆବଶ୍ୟକୀୟ ସମସ୍ତ ତଥ୍ୟ ଯଥାଶିଘ୍ର ଡିୟୁଡ଼ିଏ ଭଦ୍ରକଙ୍କୁ ପ୍ରେରଣ କଲେ। ଉକ୍ତ ପ୍ରସ୍ତାବ ସରକାରଙ୍କ ନଗର ଉନ୍ନୟନ ବିଭାଗକୁ ପରବର୍ତ୍ତୀ ପଦକ୍ଷେପ ପାଇଁ ପଠାଯିବ ବୋଲି ଅନୁରୋଧ କରାଯାଇଥିଲା। କିନ୍ତୁ ବର୍ତ୍ତମାନ ନୂତନ ସରକାର ତାଙ୍କ କାର୍ଯ୍ୟ ଆରମ୍ଭ କରିଥିବାରୁ ସେ ଏଥିପ୍ରତି କି ପଦକ୍ଷେପ ନେବେ ତାକୁ ନେଇ ଅଞ୍ଚଳବାସୀ ଚିନ୍ତା ପ୍ରକଟ କରିଛନ୍ତି।

ଏଠାରେ ପ୍ରକାଶ ଥାଉକି; ଗତ୨୦୨୨ ଅଗଷ୍ଟ ୨୩ ତାରିଖରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଚିଠି ନଂ ୮୩୦୨/ଜିଏଣ୍ଡଏମ ଓ ୧୦୩୭୧ରେ ଆଗରପଡ଼ାକୁ ଏନ୍‌ଏସି ମାନ୍ୟତା ପ୍ରଦାନ ନିମନ୍ତେ ପ୍ରସ୍ତାବ ପଠାଇବାକୁ ବନ୍ତ ବିଡିଓଙ୍କୁ ଅବଗତ କରାଯାଇଥିଲା। କିନ୍ତୁ ୪ମାସ ପରେ ମଧ୍ୟ ବିଡିଓ ବନ୍ତଙ୍କ କାର୍ଯ୍ୟାୟଳୟରୁ କୋ÷ଣସି ଉତ୍ତର ନମିଳିବାରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ସ୍ମାରକ ପତ୍ର-୨ ସ୍ୱରୂପ ଚିଠି ନଂ ୧୨୩୮୪/ଜିଏଣ୍ଡଏମ ତା୫-୧୨-୨୦୨୨ରେ ପୁଣି ଆବଶ୍ୟକିୟ ତଥ୍ୟ ଯଥାଶୀଘ୍ର ପ୍ରଦାନ କଲେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ତରଫରୁ ଉକ୍ତ ପ୍ରସ୍ତାବକୁ ସରକାରଙ୍କ ନଗର ଉନ୍ନୟନ ବିଭାଗକୁ ମଞ୍ଜୁର ନିମନ୍ତେ ପଠାଯିବ ବୋଲି ବିଡିଓ ବନ୍ତଙ୍କୁ ଅନୁରୋଧ କରାଯାଇଥିଲା। ଏହାର ଏକକିତା ନକଲ ତହସିଲଦାର ବନ୍ତଙ୍କ ସମେତ ଜିଲ୍ଲା ପରିଷଦ ଭଦ୍ରକଙ୍କୁ ମଧ୍ୟ ପଠାଯାଇଥିବା ଜଣାପଡ଼ିଥିଲା। କିନ୍ତୁ ପ୍ରଶାସନ ଏଥିନେଇ ନିରବତା ଅବଲମ୍ବନ କରିଥିଲା। ପ୍ରଶାସନର ନିରବତାକୁ ନେଇ ବାରମ୍ବାର ଦୈନିକ 'ସକାଳ'ରେ ଖବର ପ୍ରକାଶିତ ହୋଇଆସୁଥିଲା। ପରେ ଗତ ମେ' ମାସରେ ଆଗରପଡ଼ାକୁ ଏନ୍‌ଏସି ମାନ୍ୟତା ପ୍ରଦାନ ପାଇଁ ସରକାରୀ ସ୍ତରରେ ପ୍ରସ୍ତୁତି ଆରମ୍ଭ ହେବା ସହ ଉକ୍ତ ଅଞ୍ଚଳର ସର୍ଭେ ଆରମ୍ଭ ହୋଇଥିଲା। ବନ୍ତ ବ୍ଲକର ୨୫ଗୋଟି ପଞ୍ଚାୟତରୁ ୯ଟି ପଞ୍ଚାୟତ ପୁରୁଷଣ୍ଡ, ବଡ଼ମହିଁଷଗୋଠ, ଅଣିଜୋ, ଆଡ଼ିଆ, ଗୋପିନାଥପୁର, ରାମଚନ୍ଦ୍ରପୁର, .ରିଗାଁ, ମହାନ୍ତିପଡ଼ା ଓ ବିଟିପୁର ପଞ୍ଚାୟତକୁ ନେଇ ୧୪ନଂ ଜୋନ ଆଗରପଡ଼ା ଗଠିତ। କେନ୍ଦୁଝର, ବାଲେଶ୍ୱର ଓ ଭଦ୍ରକ ଏହିପରି ୩ଟି ଜିଲ୍ଲାର ମଧ୍ୟ ଭାଗରେ ଆଗରପଡ଼ା ଅବସ୍ଥିତ। ବ୍ୟବସାୟିକ ଦୃଷ୍ଟି କୋଣରୁ ଆଗରପଡ଼ାର ଭୂମିକା ଅତ୍ୟନ୍ତ ଗୁରୁତ୍ୱ ପୂର୍ଣ୍ଣ ହୋଇଥିବା ବେଳେ ଏଠାରେ ବ୍ଲକର ଏକମାତ୍ର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ଦମକଳ କେନ୍ଦ୍ର ଏବଂ ଶିକ୍ଷା ଓ ପ୍ରଶିକ୍ଷକ କେନ୍ଦ୍ର ଅବସ୍ଥିତ। ବାରମ୍ବାର ପ୍ରଶାସନିକ ଅବହେଳା ଯୋଗୁଁ ଆଗରପଡ଼ାକୁ ଏନ୍‌ଏସି ମାନ୍ୟତା ଦେବାର ଫାଇଲ୍ ଆଗକୁ ଘୁଞ୍ଚିପାରୁନଥିଲା। ଏ ନେଇ ଦୈନିକ 'ସକାଳ'ରେ ବାରମ୍ବାର ଆନକ ରିପୋର୍ଟ ପ୍ରକାଶ ପାଇଛି।

# ରସୁଲପୁର ବ୍ଲକରେ ଧର୍ମଶାଳା ବିଧାୟକଙ୍କ ସମୀକ୍ଷା

**କୁଆଖିଆ,୨୭।୬(ସମିସ):** ଧର୍ମଶାଳା ନିର୍ବାଚନମଣ୍ଡଳୀରେ ସାମିଲ ହୋଇଥିବା ରସୁଲପୁର ବ୍ଲକର ୯ଟି ପଞ୍ଚାୟତର ବିଭିନ୍ନ ଉନ୍ନୟନ କାର୍ଯ୍ୟକୁ ବିଧାୟକ ହିମାଂଶୁ ଶେଖର ସାହୁ ସମୀକ୍ଷା କରିଛନ୍ତି। ଶ୍ରୀବନ୍ତପରୁ, ନଠୁଆବର, ଜାବରା, ଓଡିଶୋ, କଲଣ, ସିଂହାପୁର, ବାରବାଟୀ, ରସୁଲପୁର ଓ ରାହାମ୍ବା ଆଦି ପଞ୍ଚାୟତରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଅନୁଦାନରେ କାର୍ଯ୍ୟକାରୀ ହୋଇଥିବା ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ନଥିପତ୍ର ଯାଞ୍ଚ କରିବା ସହ କେତେକ ଯୋଜନାର ଅର୍ଥ ଆବଣ୍ଟନରେ ଆଇନକୁ ଖିଲାପ କରି କାର୍ଯ୍ୟକାରୀ ହୋଇଥିବା ଜାଣିବାକୁ ପାଇଥିଲେ। ବ୍ଲକ ପ୍ରଶାସନ ପକ୍ଷରୁ ଅନୁଦାନକୁ ଟେଣ୍ଡର ପ୍ରକ୍ରିୟାକୁ ନ ନେଇ ବିଭାଗୀୟ ଅଧିକାରୀଙ୍କ ନାମରେ କାର୍ଯ୍ୟାଦେଶ ବଣ୍ଟନ କରିବା ଭଳି ପଦକ୍ଷେପ ନିଆଯାଇଛି। କାମ ଆରମ୍ଭ ପୂର୍ବରୁ ପ୍ରକଳ୍ପକୁ ନେଇ ଖୋଲାଯାଉଥିବା ଫାଇଲରେ ଆବଶକ କାଗଜାଦ୍ ସଠିକ୍ ଭାବେ ରଖାଯାଉଛି ନାହିଁ, ସେ ସଂପର୍କରେ ଅବଗତ ହୋଇଥିଲେ। ପ୍ରତ୍ୟେକ କାର୍ଯ୍ୟ ଶେଷରେ ସଂପୃକ୍ତ ଏଜେନ୍ସିଙ୍କୁ ପୈଠ ହେଉଥିବା ବିଲ୍ ଅର୍ଥକୁ ଚେକ୍ ଆକାରରେ ଦିଆ ନ ଯାଇ, କେତେକ କ୍ଷେତ୍ରରେ ଅର୍ଥ ଉଠାଣ କରାଯାଇଥିବା ପରିଲକ୍ଷିତ ହୋଇଥିଲା। ଏ ନେଇ ବିଧାୟକ ସାହୁ ଅସନ୍ତୋଷ ବ୍ୟକ୍ତ କରିବା ସହ ଶେଷ ୩ ବର୍ଷରେ ତାଙ୍କ ନିର୍ବାଚନମଣ୍ଡଳୀରେ କେତେ ଟଙ୍କା କେଉଁ ବାବଦରେ ଖର୍ଚ୍ଚ ହୋଇଛି, ତା'ର ବିଶଦ ହିସାବ ମାଗିଥିଲେ। ଏ ଦିଗରେ ବ୍ଲକ ପ୍ରଶାସନ ପ୍ରସ୍ତୁତ ନ ଥିବା କହି ପ୍ରତ୍ୟେକ କାର୍ଯ୍ୟ ସଂପର୍କରେ ସଠିକ୍ ତଥ୍ୟ ପ୍ରଦାନ ପାଇଁ ୫ଦିନ ସମୟ ନେଇଛନ୍ତି। ଏହାଛଡା ବିଧାୟକ ପ୍ରତ୍ୟେକ ଲାଇନ ଡିପାର୍ଟମେଣ୍ଟ ଜରିଆରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ପ୍ରକଳ୍ପକୁ ସମୀକ୍ଷା କରିବା ସହ ଅନିୟମତିତା ହୋଇଥିଲେ, ସେ ସଂପର୍କରେ ତଦନ୍ତ କରିବା ପାଇଁ ଭିଜିଲାନ୍ସ, ଲୋକାୟୁକ୍ତ ଭଳି ସଂସ୍ଥାକୁ ଲିଖିତ ଆକାର ଅବଗତ କରାଇବେ ବୋଲି ସୂଚନା ଦେଇଛନ୍ତି। ବିଧାୟକ ସାହୁ ପ୍ରଥମଥର ପାଇଁ ବ୍ଲକକୁ ସମୀକ୍ଷା କରିବାକୁ ଆସୁଛନ୍ତି ବୋଲି ଅବଗତ ହୋଇ ତାଙ୍କର ୫୦୦ରୁ ଊର୍ଦ୍ଧ୍ୱ ସମର୍ଥକ ବ୍ଲକ ଫାଟକ ଆଗରେ ଭିଡ ଜମାଇଥିଲେ। ଆଇନଶୃଙ୍ଖଳା ପରିସ୍ଥିତି ଉପୁଜିବା ଭୟରେ ଜନସାଧାରଣଙ୍କୁ ବ୍ଲକ କାର୍ଯ୍ୟାଳୟ ପରିସରକୁ ଯିବାକୁ ଅନୁମତି ଦିଆଯାଇ ନ ଥିଲା। ବିଧାୟକ ବ୍ଲକ କର୍ମଚାରୀଙ୍କ ସହ ପରିଚିତ ହେବା ପରେ ଅଧିକାରୀମାନେ ତୃଣମୂଳ ସ୍ତରରେ କାର୍ଯ୍ୟ କରିବା ସମୟରେ ସମାଜର ଅବହେଳିତ, ଦଳିତ, ନିଷ୍ପେସିତ, ଶୋଷିତ, ଅସହାୟଙ୍କ ପ୍ରତି ବିଶେଷ ଦୃଷ୍ଟି ଦେଇ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ରସୁଲପୁର ବିଡିଓ ଅବନିକାନ୍ତ ସାହୁ, ଏବିଡିଓ ଦିବ୍ୟକାନ୍ତି ମିଶ୍ର, ସହକାରୀ ନିର୍ବାହୀ ଯନ୍ତ୍ରୀ ସୋନାଲି ଧଳ, ସାମାଜିକ ସୁରକ୍ଷା ଅଧିକାରିଣୀ ମିନତୀ ରାଉତଙ୍କ ସମେତ ବ୍ଲକରୁ ଧର୍ମଶାଳା ଅଂଶରେ କାର୍ଯ୍ୟ କରୁଥିବା ସହକାରୀ ଯନ୍ତ୍ରୀ, କନିଷ୍ଠ ଯନ୍ତ୍ରୀ, ନିର୍ବାହୀ ଅଧିକାରୀ, ଡାଟା ଏଣ୍ଟ୍ରି ଅଧିକାରୀ ଉପସ୍ଥିତ ରହି ସମୀକ୍ଷା କାର୍ଯ୍ୟରେ ସହଯୋଗ କରିଥିଲେ। ପ୍ରାରମ୍ଭରେ ବ୍ଲକ ପ୍ରଶାସନ ପକ୍ଷରୁ ବିଧାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।




# ଖୁଲମ୍ ଖୋଲା ବିକ୍ରୟ ହେଉଛି ଚୋରା ମଦ

**ଅସୁରାଳି,୨୭ ।୬(ସମିସ):** ଧାମନଗର ବ୍ଲକ୍ ଅଞ୍ଚଳରେ ଏବେ ଚୋରା ନିଶା ବେପାରୀଙ୍କ ପତିଆରା ବେଶ୍ ବୃଦ୍ଧି ପାଇଛି। ଅବକାରୀ ବିଭାଗର ଦୁର୍ବଳତାର ସୁଯୋଗ ନେଇ ଏହି ନିଶା ବେପାରୀମାନେ ପ୍ରକାଶ୍ୟ ଦିବାଲୋକରେ ସେମାନଙ୍କ କାରବାର କରିବାରେ ପଛାଉନାହାଁନ୍ତି। ସରକାରୀ ଅନୁମତି ନଥାଇବେତାଳୀ ଗାଁ, ଧୂଷୁରୀ, ନଦୀଗାଁ ଅଞ୍ଚଳରେ ବିଭିନ୍ନ ସ୍ଥାନରେ ଏକାଧିକ ଚୋରା ମଦ ଦୋକାନ ଖୋଲିଛି। ସହିଦ୍‌ନଗର, ମଙ୍ଗଳପୁର, ନଦୀଗାଁ, କଲ୍ୟାଣୀ, କୋଠାର, ନନ୍ଦବଜାର, ଆଦି ସ୍ଥାନରେ ବ୍ରାଉନସୁଗର, ଗଞ୍ଜେଇ, ଦେଶୀ ମଦ ଇତ୍ୟାଦିର ବହୁଳ ବେପାର ଚାଲିଛି। ଏହି ନିଶା କାରବାର ପାଇଁ ବହୁ ଅସାମାଜିକ କାର୍ଯ୍ୟ ଘଟୁଛି। ଚୋରି, ଲୁଟ୍, ରାହାଜାନୀ ଅଞ୍ଚଳରେ ନିତିଦିନିଆ ହୋଇଗଲାଣି। ମନ୍ଦିରର କଂସା, ପିତଳ ପୂଜା ସାମଗ୍ରୀ, ଠାକୁରଙ୍କ ଗହଣା, ହୁଣ୍ଡିରୁ ପଇସା ଚୋରି ଓ ହାଟ ବଜାର ଓ ଭିଡ ସ୍ଥାନରୁ ମୋବାଇଲ୍, ମନି ପର୍ସ ଆଦି ମଧ୍ୟ ପକେଟ୍‌ମାର୍ ହେଉଛି। ଏହି ନିଶା ପାଇଁ ପାରିବାରିକ ବିବାଦ ଏବେ ଏକ ମୁଖ୍ୟ ପ୍ରସଙ୍ଗ ପାଲଟିଛି। ଅବକାରୀ ବିଭାଗ କେବଳ ନାମକୁ ମାତ୍ର ଚଢଉ କରୁଥିବାରୁ ନିଶା କାରବାରରେ ରୋକ ଲାଗିପାରୁନି।

# କବାଟବନ୍ଧ ସରକାରୀ ଉଚ୍ଚବିଦ୍ୟାଳୟର ପ୍ରତିଷ୍ଠା ଦିବସ

**କବାଟବନ୍ଧ, ୨୭ ।୬ (ସମିସ):** ଧର୍ମଶାଳା ବ୍ଲକ ଅନ୍ତର୍ଗତ କବାଟବନ୍ଧ ପଞ୍ଚାୟତସ୍ଥ କବାଟବନ୍ଧ ସରକାରୀ ଉଚ୍ଚ ବିଦ୍ୟାଳୟର ୫୭ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ପୁରାତନ ଛାତ୍ର ସଂସଦ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ ଯୋଗ ଦେଇଥିଲେ। ବିଦ୍ୟାଳୟ ପକ୍ଷରୁ ଛାତ୍ରଛାତ୍ରୀ ବିଧାୟକ ଶ୍ରୀ ସାହୁଙ୍କୁ ସ୍ୱାଗତ କରିଥିଲେ। ଶ୍ରୀ ସାହୁ ବିଦ୍ୟାଳୟ ପରିସରରେ ଥିବା ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ପରେ ସଭାରେ ଯୋଗ ଦେଇଥିଲେ। ଏ ଅବସରରେ ଛାତ୍ରଛାତ୍ରୀଙ୍କୁ ନେଇ ଓଡ଼ିଆ ରଚନା, ଚିତ୍ରାଙ୍କନ, ସଙ୍ଗୀତ ଆଦି ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ କରାଯାଇଥିଲା। କୃତି ଛାତ୍ରଛାତ୍ରୀଙ୍କୁ ବିଧାୟକ ଶ୍ରୀ ସାହୁ ପୁରସ୍କାର ବିତରଣ କରିବା ସହିତ ଭଲ ପାଠପଢି ସମାଜରେ ଜଣେ ଭଲ ମଣିଷ ହେବାକୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ରବୀନ୍ଦ୍ର କୁମାର ସାହୁ, ମୁଖ୍ୟବକ୍ତା ଭାବେ ଡଃ ଜ୍ଞାନରଞ୍ଜନ ପତି, ଅବସରପ୍ରାପ୍ତ ଶିକ୍ଷକ ଦାଶରଥି ସାହୁ, ପୁରାତନ ଛାତ୍ର ସଂସଦ ସଭାପତି ରାମଚନ୍ଦ୍ର ପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ସ୍ଥାନୀୟ ଅଞ୍ଚଳର ଏହା ସର୍ବପୁରାତନ ହାଇସ୍କୁଲ ଭାବେ ବେଶ ସୁନାମ ଅର୍ଜନ କରିଛି। ଏହା ୧୯୬୭ ଜୁନ୍ ୨୭ ତାରିଖରେ ପ୍ରତିଷ୍ଠା ହୋଇଥିଲା। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଲିଲି ରାଉତଙ୍କ ସମେତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ, ପୁରାତନ ଛାତ୍ରଛାତ୍ରୀ, ଓ ଅନ୍ୟ କର୍ମଚାରୀ ଉପସ୍ଥିତ ଥିଲେ।



# ପ୍ରକାଶ ପାଉନି କଲେଜ ମାଗାଜିନ

**କବାଟବନ୍ଧ, ୨୭ ।୬ (ସମିସ):** ଧର୍ମଶାଳା ବ୍ଲକ ସମେତ ଯାଜପୁର ଜିଲ୍ଲାର ବିଭିନ୍ନ କଲେଜରେ ପ୍ରକାଶ ପାଉନି କଲେଜ ମାଗାଜିନ (ମୁଖପତ୍ର)। ଦୀର୍ଘବର୍ଷ ଧରି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ଡିଗ୍ରୀ କଲେଜରେ ଏହା ସମ୍ପୂର୍ଣ୍ଣ ଭାବେ ବନ୍ଦ ହୋଇଯାଇଛି। ଏହାକୁ ନେଇ କୌଣସି କଲେଜ କର୍ତ୍ତୃପକ୍ଷ ଯତ୍ନବାନ ନୁହଁନ୍ତି। ମାଗାଜିନ ଦ୍ୱାରା ପିଲାଙ୍କ ସୃଜନଶୀଳତା ସୃଷ୍ଟି ହୁଏ। କଲେଜରେ ଏଥିପାଇଁ ସ୍ୱତନ୍ତ୍ର ପାଣ୍ଠି ରହିଛି। ପାଠପଢା ସାଙ୍ଗକୁ ବିଭିନ୍ନ ପ୍ରକାର ଖେଳକୁଦ,ନାଚଗୀତ, ଭଳି କଲେଜ ରେ ପ୍ରକାଶ ପାଉଥିବା ବିଭିନ୍ନ ପତ୍ରିକା ସ୍ମ ପିଲାମାନଙ୍କ ଭବିଷ୍ୟତ ଗଢ଼ିବା ରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ଏଥିପାଇଁ ଶିକ୍ଷାର ଅଧୋଗତି ମଧ୍ୟ ହେଉଛି। ପିଲାମାନେ ଲେଖା ଦେଉ ନ ଥିବାରୁ ବହୁ କଲେଜରେ ଏହାର ପ୍ରକାଶ ହୋଇପାରୁ ନ ଥିବା ଶୁଣିବାକୁ ମିଳୁଛି। ଭବିଷ୍ୟତରେ ନିଜକୁ ଜଣେ ଦକ୍ଷ କବି, ସାହିତ୍ୟିକ, ପ୍ରାବନ୍ଧିକ, ଔପନ୍ୟାସିକ ହେବା ପାଇଁ ଏହା ଏକ ମାଧ୍ୟମ ଓ ମୂଳଦୁଆ। ଏହାଦ୍ୱାରା ଓଡ଼ିଆ ସାହିତ୍ୟ ସମୃଦ୍ଧ ହେବା ସହିତ ପିଲାଙ୍କ ଅଧ୍ୟୟନ ପ୍ରତି ଆଗ୍ରହ ବଢ଼ିବ। ଏଥିପାଇଁ ପିଲାଙ୍କୁ ସଚେତନ କରିବାର ଆବଶ୍ୟକତା ରହିଛି। ନୂତନତ୍ୱକୁ ଜାଣିବା ସହିତ ଅନ୍ୟମାନଙ୍କୁ ଜଣାଇବାର ଏହା ଏକ ମାଧ୍ୟମ। ଅନେକ ଚିତ୍ର ଓ ଚରିତ୍ରକୁ ନିଜ ଭିତରେ ଦେଖି ତା'ଭିତରୁ ଅନେକ ନିଚ୍ଛକ ଚରିତ୍ର ଗଢ଼ିବାରେ ବେଶ୍ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ କଲେଜ ମାଗାଜିନ। ଇଂରାଜୀ ସାହିତ୍ୟିକମାନେ ଯେମିତି ଆମ ପାଖରେ ପହଞ୍ଚି ପାରିଛନ୍ତି, ଠିକ ସେମିତି ଗଳ୍ପ, କବିତା, ସାହିତ୍ୟ ମାଧ୍ୟମରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରି ସାରା ବିଶ୍ୱରେ ଆଦୃତ ହେବା ପାଇଁ କଲେଜ ମାଗାଜିନର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ବନ୍ଦ ରହିଥିବା ସମସ୍ତ କଲେଜରେ ଏହାକୁ ଚାଲୁ କରି ପୁଣିଥରେ ପ୍ରକାଶ କରିବା ପାଇଁ ବିଭିନ୍ନ ସାହିତ୍ୟିକ, କବି, ଲେଖକ, ଛାତ୍ରଛାତ୍ରୀ ଓ ସାହିତ୍ୟ ଅନୁଷ୍ଠାନ ପକ୍ଷରୁ ଦାବି କରାଯାଉଛି।

# ଜରିପାଲ ତଳେ ପ୍ରକାଶଙ୍କ ପରିବାର

**କୟାଁଗୋଲା,୨୭।୬(ସମିସ):** ଦଶରଥପୁର ବ୍ଲକ ଅନ୍ତର୍ଗତ କୟାଁ ପଞ୍ଚାୟତ ଅଧୀନସ୍ଥ ମାଧପୁରପୁର ଗ୍ରାମ ୧୪ ନମ୍ବର ୱାର୍ଡର ପ୍ରକାଶ ଜେନା ଦୁଃଖକଷ୍ଟରେ ଦିନ ବିତାଉଛନ୍ତି। ସରକାରଙ୍କ ଯୋଜନା କହିଲେ ଏକମାତ୍ର ସମ୍ବଳ ରେସନ୍ କାର୍ଡ ହିଁ ଭରସା। ସେ ଏବେ ଅଧା ଭଙ୍ଗା ଜରିପାଲ କୁଡ଼ିଆରେ ବିତାଉଛନ୍ତି ଜୀବନ। ସକାଳ ହେଲେ ପେଟ ପୋଷିବା ପାଇଁ ଏ ଗାଁରୁ ସେ ଗାଁ ବୁଲି ମୂଲ ଲାଗି ସଂସାର ଗୁଜୁରାଣ ମେଣ୍ଟାଇଥା'ନ୍ତି। ପରିବାର କହିଲେ ସ୍ତ୍ରୀ ପ୍ରତୀମା ଜେନା (୩୩), ଦୁଇପୁଅ ସାଇପ୍ରକାଶ(୯), ରାମ (୪) ନେଇ ତେଲ ଲୁଣସଂସାର। ଯେତିକି ଚାଉଳ ମିଳୁଛି ତାହା ଏକ ମାସ ଯାଉନାହିଁ। ଏଭଳି ଗରିବ ପରିବାର ଉପରେ ଆଜିଯାଏ ପଡିନାହିଁ ସରକାର କିମ୍ବା ପ୍ରଶାସନର ନଜର। ଭଙ୍ଗା ଘର ସାଙ୍ଗକୁ ପାଲ ଓ ଜରିଅଖା ଘେରା କାନ୍ଥରେ ଦିନ କାଟନ୍ତି ପ୍ରକାଶଙ୍କ ପରିବାର। ବନ୍ୟା ଆସିଲେ ବୁଡିଯାଏ ଘର। ପ୍ରକାଶଙ୍କୁ ପକ୍କାଘର ଦେବାକୁ ଗ୍ରାମରୁ କାହ୍ନୁଦେବ ଜେନା, ଶରତ ଜେନା, ବକନା ଜେନା, ସର୍ବେଶ୍ୱର ଜେନା ଦାବି କରିଛନ୍ତି।



# ନକଲି ଔଷଧ ପେଣ୍ଠସ୍ଥଳି ପାଲଟିଛି ଭଦ୍ରକ

ଭଦ୍ରକ,୨୭ ।୬(ସମିସ)

ନକଲି ଔଷଧ ବିତରଣ ଜନିତ ସଚେତନତା ପାଇଁ ପାଳିତ ହେଉଛି ଡ୍ରଗ ଆବ୍ୟୁଜ ଓ ଇଲିସିଟି ଟ୍ରାଫିକିଂ ଦିବସ। ଏଥିପାଇଁ ଜିଲ୍ଲା ପ୍ରଶାସନ ତରଫରୁ ବିଧିରକ୍ଷା ଲାଗି ପାଳିତ ହେଲା ଏହି ଦିବସ। କିନ୍ତୁ ଅସଲରେ ଜିଲ୍ଲା ପ୍ରଶାସନ ଜିଲ୍ଲାବାସୀଙ୍କ ସ୍ୱାସ୍ଥ୍ୟ ପାଇଁ ସତରେ ସଚେତନ କି ବୋଲି ସାଧାରଣରେ ପ୍ରଶ୍ନ ଉଠିଛି। ଗତ କିଛି ମାସ ତଳେ ଭଦ୍ରକରେ ଅନେକ ବେଆଇନ କ୍ଲିନିକ୍ ଚାଲୁଥିବା ନେଇ ବାରମ୍ବାର ଖବର ପ୍ରକାଶ ପାଇବା ପରେ ପୂରା ଜିଲ୍ଲାରେ ଥିବା ସମସ୍ତ ଅଣପଞ୍ଜିକୃତ କ୍ଲିନିକ୍ ଜିଲ୍ଲାପାଳଙ୍କ ନିକଟରେ ପଞ୍ଜିକୃତ କରିବାକୁ ଆବେଦନ କଲେ। ଏହାପରେ ଜିଲ୍ଲାପାଳ ମଧ୍ୟ ସେ ସମସ୍ତ କ୍ଲିନିକକୁ ପଞ୍ଜିକରଣ ସାର୍ଟିଫିକେଟ ଦେଲେ। କିନ୍ତୁ ଜିଲ୍ଲାପାଳ ଥରେ ବି ଯାଞ୍ଚ କଲେ ନାହିଁ। ଏହି ସବୁ ସଂସ୍ଥା ଦୀର୍ଘ କେତେଦିନ ହେଲା ବେଆଇନ ଭାବେ ଏହି ସବୁ କ୍ଲିନିକ୍ ଖୋଲିଥିଲେ। ଏଥିରୁ ଜିଲ୍ଲାବାସୀଙ୍କ ସ୍ୱାସ୍ଥ୍ୟ ପ୍ରତି ଜିଲ୍ଲାପାଳ କେତେ ସଚେତନ ଅଛନ୍ତି ତାହା ଜିଲ୍ଲାବାସୀ ଜାଣିବାକୁ ପାଇଲେ। ଏହି ସବୁ ବେଆଇନ କ୍ଲିନିକ୍ ମଧ୍ୟରୁ ଅନେକ କ୍ଲିନିକରେ ଜିଲ୍ଲା ମୁଖ୍ୟ ଡାକ୍ତରଖାନାର ଡାକ୍ତରମାନେ ରୋଗୀ ଦେଖୁଥିଲେ। ଯାହା ଶୁଣିବାକୁ ମିଳେ ଏହି କ୍ଲିନିକ୍ ପରିସରରେ ଥିବା ଔଷଧ ଦୋକାନ ଗୁଡ଼ିକ ଅଧିକ ଲାଭଖୋର ଚିନ୍ତାଧାରାରେ ମନଇଚ୍ଛା ଅନୁନ୍ନତ ତଥା ନକଲି ଔଷଧ ବିକ୍ରି କରିଥାନ୍ତି। ଯେଉଁଥି ପାଇଁ ସେଠାରେ ଚିକିତ୍ସା ଯୋଗାଉଥିବା ଡାକ୍ତରମାନେ ରୋଗୀ ଔଷଧ କିଣି ସାରିବା ପରେ ଡାକ୍ତରଙ୍କୁ ସେହି ଔଷଧ ଦେଖାଇବାକୁ ତାଗିଦ୍ କରୁଥିଲେ। ଅନେକ ରୋଗୀ ଏହି କ୍ଲିନିକରୁ ଚିକିତ୍ସିତ ହୋଇ ଅଧିକ ଅସୁସ୍ଥ ହେବା ପରେ କଟକ ବଡ ଡ଼ାକ୍ତରଖାନା ଯାଉଥିବାର ନଜିର ରହିଛି। ଏପରିକି ସେହି ସବୁ କ୍ଲିନିକରେ ବେଡ୍ ପାଇଁ କୌଣସି ଅନୁମତି ନ ଥିବା ବେଳେ ରୋଗୀଙ୍କୁ ରଖି ଚିକିତ୍ସା କରୁଥିବାର ଭିଡିଓ ବି ଭାଇରାଲ ହୋଇଥିଲା। କିନ୍ତୁ ଜିଲ୍ଲା ପ୍ରଶାସନ ସେତେବେଳେ କାର୍ଯ୍ୟାନୁଷ୍ଠାନ ନେବାକୁ କୌଣସି ଆଗ୍ରହ ଦେଖାଇନଥିଲେ। ଇଏ ଭାତ ହାଣ୍ଡିର ଗୋଟିଏ ଭାତ ଚିପିବା ଭଳି କଥା। ସେହିପରି ଓସିଇ ଆକ୍ଟ ଅନୁଯାୟୀ ପଞ୍ଜିକୃତ କ୍ଲିନିକ୍ ଗୁଡିକୁ ପ୍ରତ୍ୟକେ ମାସ ଯେଭଳି ଯାଞ୍ଚ କରିବା କଥା ତାହା ବି ଦୀର୍ଘ ବର୍ଷ ଧରି ଠିକଣା ଢଙ୍ଗରେ ହେଉ ନଥିବା ଅଭିଯୋଗ ହୋଇଆସୁଛି। କିନ୍ତୁ ଦୀର୍ଘ ବର୍ଷ ଧରି ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ପଦ ମାଡ଼ି ବସିଥିବା ଜଣେ ଅବସରପ୍ରାପ୍ତ ଡାକ୍ତରଏଭଳି ବେଆଇନ କାମକୁ ପ୍ରଶ୍ରୟ ଦେଉଥିବା ନେଇ ଅଭିଯୋଗ ହେଉଥିବା ବେଳେ ଜିଲ୍ଲାପାଳ ଏ ନେଇ ନିରବ ରହିବାକୁ ବୁଦ୍ଧଜୀବୀ ମହଲରେ ନିନ୍ଦା କରାଯାଇଛି। କେବଳ ଏତିକି ନୁହେଁ ଗୋଟିଏ ଗୋଟିଏ ନର୍ସିଂ ହୋମରେ ୫୦ରୁ ୧୦୦ ବେଡ ରଖି ରୋଗୀଙ୍କୁ ଚିକିତ୍ସା କରାଯାଉଥିବା ବେଳେ ସେଠାରେ ୩୦ରୁ କମ ବେଡ ପାଇଁ ଜିଲ୍ଲାପାଳ ପଞ୍ଜିକୃତ ସାର୍ଟିଫିକେଟ ଦେବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି କୁହାଯାଉଛି। ଏହା ସହ ଜିଲ୍ଲାରେ ଅନେକ କ୍ଲିନିକ୍ ଦୀର୍ଘ ବର୍ଷ ଧରି ଚାଲି ଆସୁଥିବା ବେଳେ ସେମାନଙ୍କ ପଞ୍ଜିକୃତ ସାର୍ଟିଫିକେଟକୁ ନବୀକରଣ କରା ନଯାଇ ନୂତନ ପଞ୍ଜିକରଣ କରାଇବା ପଛରେ ଜିଲ୍ଲା ପ୍ରଶାସନ ର କି ସ୍ୱାର୍ଥ ଅଛି ତାକୁ ବି ନେଇ ଆଲୋଚନା ଚାଲିଛି। ସେହିପରି ଜିଲ୍ଲା ହେଡକ୍ୱାଟର ହସ୍ପିଟାଲରେ କାର୍ଯ୍ୟରତ ୪ ଅସ୍ଥିଶଲ୍ୟ ଓ ୫ ଶଲ୍ୟ ବିଶେଷଜ୍ଞ ଡାକ୍ତର ନିଜ ନିଜ କ୍ଲିନିକରେ ରୋଗୀ ଦେଖିବାକୁ ନେଇ ଯେଉଁଭଳି ପ୍ରତିଯୋଗିତା ଚାଲିଛି ତାହାକୁ ଜିଲ୍ଲାବାସୀ ସହଜରେ ଗ୍ରହଣ କରିପାରୁନାହାନ୍ତି। ଏହି ଡାକ୍ତରମାନଙ୍କ ପ୍ରତିଯୋଗିତା ପାଇଁ କେତେ ଯେ ରୋଗୀ ଶୋଷଣର ଶିକାର ହେଉଛନ୍ତି ତାହା ନ କହିବା ଭଲ । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା, ଭୂମିକା ଚକ୍ଷୁ ଚିକିତ୍ସାଳୟ ନାମକ ଭଦ୍ରକର ଏକ ଘରୋଇ ହସ୍ପିଟାଲରେ କ୍ଲିନିକାଲ ଏଷ୍ଟାବ୍ଲିସମେଣ୍ଟ ନିୟମକୁ ଉଲ୍ଲଙ୍ଘନ କରି ୪୦ରୁ ୫୦ ରୋଗୀଙ୍କୁ ଅପରେସନ କରି ସେମାନଙ୍କ ମଧ୍ୟରୁ ୪ଜଣ ଚକ୍ଷୁହରାଇବା ଘଟଣାରେ ସାମାନ୍ୟତମ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଯିବା ପ୍ରଶାସନ ଓ ସ୍ୱାସ୍ଥ୍ୟ ବିଭାଗର ସେମାନଙ୍କୁ ନିସର୍ତ୍ତ ସମର୍ଥନକୁ ସ୍ୱତଃ ପ୍ରମାଣିତ କରୁଛି। ସେହିପରି ନିର୍ଦ୍ଦିଷ୍ଟ କିଛି କ୍ଲିନିକ୍ ବିରୁଦ୍ଧରେ ତଦନ୍ତ ହୋଇ କାର୍ଯ୍ୟାନୁଷ୍ଠାନ ନେବାକୁ ସୁପାରିସ ହୋଇଥିଲେ ବି ଜିଲ୍ଲା ପ୍ରଶାସନ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବା ସମସ୍ତଙ୍କୁ ଚକିତ କରିଛି। ଏସବୁ ଅବ୍ୟବସ୍ଥାକୁ ଅଣଦେଖା କରି ଅନ୍ତର୍ଜାତୀୟ ଦିବସ ପାଳନ କରି କେବଳ ବିଧିରକ୍ଷା କରୁଛି ଜିଲ୍ଲା ପ୍ରଶାସନ ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି।

## ଘରୋଇ ହସ୍ପିଟାଲ ପ୍ରତି କାର୍ଯ୍ୟାନୁଷ୍ଠାନ ନେବାକୁ ଡରୁଛି ପ୍ରଶାସନ

